






# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



# ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କି ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ


ମେଷ

ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ

ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା

ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା

ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ଅଗଷ୍ଟ ୧୨

# ପରଲୋକରେ ସାହିତ୍ୟିକ କୁମାର ହସନ



ବାଦଲ ଭୂୟାଁ

ଆମ ଇଆଡ଼େ ଅର୍ଥାତ୍ ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ଲାଗିରହିଛି । ଓଡ଼ିଶାରେ ବି ପାଣିପାଗ ଖରାବ ରହିଥିବା ନେଇ ସାମ୍ବାଦିକ ବନ୍ଧୁମାନେ ଜଣାଇଥିଲେ । ଏହିପରି ଏକ ବର୍ଷଣମୁଖର ସକାଳୁ ଖବର ପାଇଲି ସମ୍ବଲପୁରର ବିଶିଷ୍ଟ ସାହିତ୍ୟିକ, କବି, ଖବରଦାତା କୁମାର ହସନଙ୍କ ପରଲୋକ ହୋଇଯାଇଛି । ତାଙ୍କୁ ୬୩ ବର୍ଷ ହୋଇଥିଲା । ଖବରଟି ପାଇବା ସମୟରେ କୁମାର ବାବୁଙ୍କ ସହ ମୋର ସାନ୍ନିଧ୍ୟ ଓ ସମ୍ପର୍କର ଅନେକ କଥା ମନେପଡ଼ିଗଲା । ସେ ଜଣେ ଅତ୍ୟନ୍ତ ବନ୍ଧୁବତ୍ସଳ ଥିଲେ । ତାଙ୍କର ପରିଚିତ ଥିବା ଯେକୌଣସି ଜଣେ ଯେଉଁ ସ୍ଥାନରେ ଥାଆନ୍ତୁ ନାଁ କାହିଁକି କୁମାର ବାବୁ ତାଙ୍କ ଆଡ଼କୁ ସମ୍ପର୍କର ସୂତ୍ର ଯୋଡ଼ିଥାଆନ୍ତି ଆଉ ନିୟମିତ ସମ୍ପର୍କ ମଧ୍ୟ ରକ୍ଷା କରିଥାନ୍ତି । ପ୍ରାୟ ଛଅ ମାସ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ସେ ଏକ ଘରୋଇ ମେଡ଼ିକାଲରେ ଚିକିତ୍ସା ହେଉଥିଲେ । ୧୯୬୦ ଫେବୃଆରୀ ୨ରେ ଝାରସୁଗୁଡ଼ା ଜିଲ୍ଲା ବିଛେଦଗଡ଼ ଠାରେ କୁମାର ଜନ୍ମ ଗ୍ରହଣ କରିଥିଲେ । ଅଢ଼ାପଡ଼ା ହାଇସ୍କୁଲରେ ପଢ଼ିବା ସମୟରେ କମ୍ୟୁନିଷ୍ଟ ଆଦର୍ଶରେ ଅନୁପ୍ରାଣୀତ ହୋଇଥିଲେ । ଅବିଭକ୍ତ ସମ୍ବଲପୁର ଜିଲ୍ଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜଣେ ତରୁଣ ସଙ୍ଗଠକ ଭାବେ ଜୋନ ସମ୍ପାଦକ ଦାୟିତ୍ୱରେ ଥିଲେ । ଜନନେତା ପ୍ରସନ୍ନ ପଣ୍ଡାଙ୍କ ସେ ଘନିଷ୍ଠ ସହଯୋଗୀ ଥିଲେ । ଲେଖାରେ ମଧ୍ୟ ତାଙ୍କର ରୁଚି ରହିଥିଲା । ସେ ହିନ୍ଦୀ, ଓଡ଼ିଆ, ଉର୍ଦ୍ଦୁ ଭାଷାର ଜଣେ ଜଣାଶୁଣା ସାହିତ୍ୟିକ । ଜୀବନକାଳ ମଧ୍ୟରେ ସେ ୬୦ରୁ ଅଧିକ ପୁସ୍ତକ ରଚନା କରିଥିଲେ । ତାଙ୍କ ପୁସ୍ତକ ଗୁଡ଼ିକ ଇଂରାଜୀ, ଚାଇନିଜ, ରୁଷୀୟ ଓ ଫରାସୀ ଭାଷାରେ ଅନୁଦିତ ହୋଇଛି । ଖବରଦାତା ଭାବେ କୁମାର ଦୈନିକ ଖବରକାଜ ସମାଜରେ କାର୍ଯ୍ୟ କରିବା ପରେ ଅବସର ଗ୍ରହଣ କରିଥିଲେ । ତାଙ୍କ ଲେଖ ପାଇଁ ସେ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ମାନିତ ହୋଇଥିଲେ । ଠିଆ ଲଙ୍ଗଳା, କହିବାର ଅଛି ଅନେକ କଥା, ଇତି ମୁଁ ତୁମର, ଅରଣ୍ୟ, ଲାଲ ତାରାର କବିତା, ମଧ୍ୟବିତ୍ତର ଶୋକଗୀତ, ସରଣ୍ଡା ଜଙ୍ଗଲ, ହାକାଟି ଲେଖିଦେଲି, ଆଉ ଏକ କଲମ୍ବସ ଭଳି ଅନେକ କବିତା, ସମ୍ବଲପୁରୀ ଲୋକ ସାହିତ୍ୟ, ସମ୍ବଲପୁର ଲୋକକଥା ଓ ଗୀତ, ରୁଷିଆର ଲୋକ କଥା, ମୀତ ତକି ମୀର, ଚନ୍ଦୁ ମେନନ ଗଳ୍ପ ଲେଖି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ୧୯୬୦ ଫେବୃଆରୀ ୨ରେ ସମ୍ବଲପୁରରେ ଜନ୍ମ ନେଇଥିଲେ । କୁମାର ହସନ ଓଡ଼ିଆ, ହିନ୍ଦୀ ଓ ସମ୍ବଲପୁରୀ ଭାଷାରେ ଲେଖନୀ ଚାଳନା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କ ରଚିତ ପୁସ୍ତକ ଉର୍ଦ୍ଦୁ, ବଙ୍ଗଳା, ଅହମିୟା, ପଂଜାବୀ, ମରାଠି, ତେଲଗୁ ସମେତ ଇଂରାଜୀ, ରୁଷୀୟ, ଜର୍ମାନ, ଫରାସୀ, ଚୀନା ଆଦି ଭାଷାରେ ଅନୁବାଦ ହୋଇଛି । ତାଙ୍କୁ ଫିନଲ୍ୟାଣ୍ଡର ବିଶ୍ୱ ଶାନ୍ତି ପରିଷଦ ପୁରସ୍କାର, ହିନ୍ଦୀ ସାହିତ୍ୟ ପାଇଁ ଭାରତ ସରକାରଙ୍କ ଠାରୁ ଜାତୀୟ ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡ଼େମୀ ଅନୁବାଦ ପୁରସ୍କାର, ଝଙ୍କାର କବିତା ପୁରସ୍କାର, ବସନ୍ତ ମୁଦୁଲି କବିତା ପୁରସ୍କାର, ସାହିତ୍ୟ ଭାରତୀ ଯୁବ ସମ୍ମାନ, ଡ.ଆମ୍ବେଦକର ଫେଲୋସିପ ସହିତ ସମ୍ମାନସୂଚକ ଆଚାର୍ଯ୍ୟ ଡିଗ୍ରି ଆଦି ବହୁ ପୁରସ୍କାର ମିଳିଛି । ସାପ୍ତାହିକ ଗଣବାର୍ତ୍ତା, ଦୈନିକ ହୀରାଖଣ୍ଡ ଓ ସମ୍ବାଦ ଆଦି ସମ୍ବାଦପତ୍ରରେ କାର୍ଯ୍ୟ କରିବା ପରେ କିଛି ବର୍ଷ ତଳେ ଦୈନିକ ସମାଜର ବରିଷ୍ଠ ସହ ସଂପାଦକ ପଦରୁ ଅବସର ନେଇଥିଲେ । ସେ ଓଡ଼ିଶା ଜନବାଦୀ ଲେଖକ ସଂଘର ସଭାପତି ଦାୟିତ୍ୱ ତୁଲାଇଥିଲେ । ଶେଷକୃତ୍ୟ ସମ୍ପନ୍ନ ସମୟରେ ତାଙ୍କ ୩ ପୁଅ ଓ ତିନି ଝିଅ ଉପସ୍ଥିତ ଥିଲେ । ଦୁଇ ବର୍ଷପୂର୍ବରୁ ତାଙ୍କ ସ୍ତ୍ରୀ ଆରପାରିକୁ ଚାଲିଯାଇଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରାର୍ଥନା କରୁଛି ତାଙ୍କ ଅମର ଆତ୍ମାର ସଦଗତି ହେଉ ଓ ତାଙ୍କ ପରିବାର ବର୍ଗଙ୍କୁ ଏପରି ଅଭାବନୀୟ ଦୁଃଖକୁ ସହ୍ୟ କରିବାର ଶକ୍ତି ଦିଅନ୍ତୁ ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨*

# ହରିୟାନାରେ ଦଙ୍ଗା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଦେଶର ଉତର-ପୂର୍ବାଂଚଳ ରାଜ୍ୟ-ମଣିପୁରରେ ଗତ ୩ମାସରୁ ଉର୍ଦ୍ଧ୍ୱ ଦିନଧରି ଜାତିଗତ ସାଂପ୍ରତିକ ହିଂସା ଥମିବାର ନାଁ ଧରୁନଥିବାବେଳେ ଜାତୀୟ ରାଜଧାନୀ ଦିଲ୍ଲୀର ସୀମାନ୍ତ ସଂଲଗ୍ନ ହରିଆନାରେ ସାଂପ୍ରଦାୟିକ ସଂଘର୍ଷ ଏବେ ଚିନ୍ତାର କାରଣ । ଯେଉଁ ସଂଘର୍ଷରେ ଦୁଇଜଣ ଗୃହରକ୍ଷୀଙ୍କ ସହ ୬ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୭୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ଆହୁରି ମଧ୍ୟ ସାଂପ୍ରଦାୟିକ ଦଙ୍ଗାରେ କୋଟି କୋଟି ଟଙ୍କା ମୂଲ୍ୟର ସମ୍ପତି କ୍ଷୟକ୍ଷତି ଘଟିଥିବାବେଳେ ଶହ ଶହ ପରିବାର ବାସହରା ହୋଇଛନ୍ତି । ଶହଶହ ଶ୍ରମଜୀବୀ ନିଜ କର୍ମ କ୍ଷେତ୍ର ଛାଡି ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି । ତେବେ ଏହି ଘଟଣାରେ ପୋଲିସ ୧୭୬ଜଣଙ୍କୁ ଗିରଫ କରିଥିବାବେଳେ ୯୩ଟି ଏତଲା ଦାୟର ହୋଇଛି । ଏହି ସଂଘର୍ଷକୁ ନେଇ ଏବେ ଦିଲ୍ଲୀ, ରାଜସ୍ଥାନ ଏବଂ ଉତରପ୍ରଦେଶରେ ଉତେଜନା ଦେଖାଦେଇଛି । ତେବେ ସେଠାକାର ରାଜ୍ୟ ସରକାରମାନଙ୍କ ତ୍ୱରିତ ପଦକ୍ଷେପ ଯୋଗୁଁ ହିଂସା ବ୍ୟାପୀ ପାରିନାହିଁ । ହରିଆନାର ନୁହ ଅଂଚଳରେ ଗତ ୩୧ତାରିଖ ଦିନ ଏକ ହିନ୍ଦୁ ଶୋଭାଯାତ୍ରାରେ ଟେକାପଥର ମାଡ ଯୋଗୁଁ ସାଂପ୍ରଦାୟିକ ଉତେଜନା ଦେଖାଦେଇଥିଲା । ସାମରିକ ଗଣମାଧ୍ୟମରେ ଘୁରି ବୁଲୁଥିବା ଏକ ଖବରକୁ ନେଇ ବିଜୁଳି ବେଗରେ ହିଂସାକାଣ୍ଡ ଗୁରୁଗାଁଓ, ସୋହାନା ଅଜି ଅଂଚଳକୁ ବ୍ୟାପୀ ଯାଇଥିଲା । ମାତ୍ର ଏବେ ଏହି ଉତ୍ସବ ରାଜନୈତିକ ଉତ୍ସବରେ ପରିଣତ ହୋଇଥିବା କୁହାଯାଉଛି । ଏହି ଉତ୍ସବରେ ପଡୋଶୀ ଉତରପ୍ରଦେଶ, ରାଜସ୍ଥାନରୁ ବିଶ୍ୱ ହିନ୍ଦୁ ପରିଷଦର ସମର୍ଥକମାନେ ଯୋଗଦେଇଥିବା ବେଳେ ସେମାନେ ହାତରେ ବିଭିନ୍ନ ଆଗ୍ନେୟାସ୍ତ୍ର ଏବଂ ମାରଣାସ୍ତ୍ର ଧରି ଶୋଭାଯାତ୍ରାରେ ସ୍ଲୋଗାନ ଦେଇଥିଲେ ବୋଲି ରିପୋର୍ଟରେ କୁହାଯାଉଛି ଯାହାକି ହିଂସାକାଣ୍ଡକୁ ଆମନ୍ତ୍ରଣ କରିବାର ଅନ୍ୟ ଏକ କାରଣ ଥିଲା । କିନ୍ତୁ ପ୍ରଥମ କାରଣଟି ଥିଲା, ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିବା ଏକ ଖବର । ବଜରଙ୍ଗ ଦଳ ସଦସ୍ୟ ତଥା କଥିତ ଗୋରକ୍ଷକ ଫେରାର ଅଭିଯୁକ୍ତ ମୋନୁ ମାନେସର ଏବଂ ଅନ୍ୟତମ ବଜରଙ୍ଗ ଦଳ ନେତା ବିଟ୍ଟୁ ବଜରଙ୍ଗୀ ଶୋଭାଯାତ୍ରାରେ ଯୋଗଦେଉଥିବା ନେଇ ଭିଡିଓ ଭାଇରାଲ ହୋଇଥିଲା । ଗୋରକ୍ଷକ ଆଳରେ ମୋନୁ ମାନେସର ରାଜସ୍ଥାନର ଦୁଇଜଣ ମୁସଲିମ ଯୁବକଙ୍କୁ ପିଟିପିଟି ହତ୍ୟା କରିଥିଲା । ସେହିଦିନଠାରୁ ସେ ଫେରାର ରହିଛି । ତେବେ ପୋଲିସ ପ୍ରଶାସନ ଏଥିପ୍ରତି କାହିଁକି ଧ୍ୟାନ ଦେଇନଥିଲା । ଯେଉଁ ଉତେଜନାକୁ ପୂର୍ବ ସତର୍କତା ପଦକ୍ଷେପ ବଳରେ ନିଶ୍ଚିତ ଭାବେ ରୋକାଯାଇ ପାରିଥାନ୍ତା । ଏକ୍ଷେତ୍ରରେ ରାଜ୍ୟ ଗୁଇନ୍ଦା ବିଭାଗର ଭୂମିକାକୁ ମଧ୍ୟ ମୁକ୍ତ ନୁହେଁ । ଭିଡିଓ ଭାଇରାଲ ପରେ ଗୋଇନ୍ଦା ବିଭାଗ ସୂଚନା ପାଇଲା ନାହିଁ କିପରି ? ଏହା ନିଶ୍ଚିତ ଯେ, ହରିଆନାର ନୁହଁରେ ସୃଷ୍ଟି ସାଂପ୍ରଦାୟିକ ଉତେଜନାକୁ ନିଶ୍ଚିତ ଭାବେ ରୋକାଯାଇପାରିଥାନ୍ତା । ଏବେ ହରିଆନା ସରକାର ହିଂସା ପରେ ସରକାରୀ ସ୍ଥାନରେ ଜବରଦଖଲ କରି ଗତ ଚାରି ବର୍ଷ ହେଲା ରହିଆସୁଥିବା ଅନୁପ୍ରବେଶକାରୀଙ୍କ ବସ୍ତିକୁ ବୁଲଡୋଜର ଲଗାଇ ଭାଙ୍ଗି ଦେଇଛନ୍ତି । ସେମାନେ ହିଂସାକାଣ୍ଡରେ ଜଡିତ ଥିବା କୁହାଯାଉଛି । ତେବେ ଚାରି ବର୍ଷ ଧରି ସେମାନେ ସରକାରୀ ସ୍ଥାନରେ ବସତି ସ୍ଥାପନ କଲେ କିପରି ? ତେବେ ନୁହଁରେ ସୃଷ୍ଟି ହୋଇଥିବା ଦଙ୍ଗା ସମ୍ପୂର୍ଣ୍ଣ ଥମିବା ଆଶ୍ୱସ୍ତିର ବିଷୟ । ରାଜ୍ୟ ସରକାର ସାଂପ୍ରଦାୟିକ ବିବାଦ କ୍ଷେତ୍ରରେ ସମ୍ପୂର୍ଣ୍ଣ ନିରପେକ୍ଷତା ଅବଲମ୍ବନ କରିବା ଉଚିତ । ଯାହାକି ଶାନ୍ତି, ସଦ୍‌ଭାବ ଫେରାଇ ଆଣିବାରେ ସହାୟକ ହୋଇପାରିବ ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨*
*ମୋବାଇଲ ନଂ-୯୪୩୭୯୯୪୩୭୯*

# ଦୁଷ୍କୃତି



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଜୟ ଶାସ୍ତ୍ର ମହାଭାରତ ଜୟର ସାଙ୍କେତିକ ଅଙ୍କ ହେଉଛି '୧୮' । ମହାଭାରତ ୧୮ ପର୍ବ । ଏହି ପର୍ବର ଭୀଷ୍ମ ପର୍ବରେ ୧୮ ଭାଗ ୧୮ ଅଧ୍ୟାୟରେ ଭଗବତ ଗୀତା ଏହି ଗୀତାରେ ୭୦୦ ଶ୍ଲୋକ କହୁଛନ୍ତି ଶ୍ରୀକୃଷ୍ଣ ହେଲେ ଏଥିରେ ଶ୍ରୀକୃଷ୍ଣଙ୍କ ନାମ ଉଦ୍ଧବ୍ୟ ଶ୍ରୀକୃଷ୍ଣଙ୍କ ନାମ ସ୍ଥଳେ ଭଗବାନ ଉବାଚ ଶ୍ରୋତାରେ ବହୁ ପ୍ରଶ୍ନ ଉତ୍ତରରେ ପ୍ରଶ୍ନ କର୍ତ୍ତା । ସେହି ଅର୍ଜୁନଙ୍କ ନାମ ରହିଛି । ଭଗବାନ ବ୍ୟାସ ସର୍ବକାଳ ସର୍ବଜନ ଉଦ୍ଦେଶ୍ୟରେ ଏ ଶାସ୍ତ୍ର ରଚନା କରିବା ଉଦ୍ଦେଶ୍ୟ ବୁଝା ପଡୁଛି । ସମସ୍ତ ପ୍ରଶ୍ନକର୍ତ୍ତା କି ପ୍ରତିନିଧି ଅର୍ଜୁନଙ୍କୁ ରଖି ଦେଇଛନ୍ତି । ସର୍ବଦା ପାଗଳା ମନଙ୍କ ମହାଭାରତ ଯୁଦ୍ଧ ସମସ୍ତଙ୍କର ଜୀବନରେ ସମସ୍ତ ସମୟ ଉପସ୍ଥିତ ହୁଏ । ଏହାର କିପରି ସମାଧନା ସୂତ୍ର ସବୁ ସମସ୍ୟା ସବୁ ବିଦ୍ୟା ପାଇଁ ପ୍ରଶ୍ନକାରୀ ପାଇଁ ଏଥିରେ ରହିବା ବୁଝା ପଡୁଛି । ତେବେ ବ୍ୟାସ ଖୋଜ ନକଲେ ଏହି ମନ୍ତ୍ରର ମର୍ମ ବୁଝିବା ବହୁକଷ୍ଟ । ବ୍ୟାସ ପୂର୍ଣ୍ଣିମାର ନାମ ଗୁରୁପୂର୍ଣ୍ଣିମା, ଗୁରୁ ସୃଷ୍ଟିର ଉତ୍ସ ନିଶ୍ଚେ ବ୍ୟାସଦେବ ଗୁରୁ ହେଲେ ଦୁଷ୍କୃତି ବିନାଶର ଦିଗ ଦେଖାଯିବ ନାହିଁ । ଦୁଷ୍କୃତିର ଉତ୍ସ ପ୍ରଶ୍ନକର୍ତ୍ତାର ଭ୍ରାନ୍ତି କି ସତ୍ୟ ପ୍ରଥମେ ଜାଣିବା ଦରକାର ପରର ଦୋଷ ବର୍ଜନ ଓ ନିଜର କର୍ତ୍ତବ୍ୟବୋଧ ଭୁଲିବା ମଧ୍ୟରେ ଏକ ବନ ଭ୍ରମ ଜୀବନର ଉଦ୍ଦେଶ୍ୟ ଭଙ୍ଗ ସମୟ ନଷ୍ଟ ଜୀବନ ଧାରଣ ବ୍ୟର୍ଥ ହୋଇଯାଏ ।

ଜଣାପଡୁଛି ଦୁଷ୍କୃତର କାରଣ ବ୍ୟକ୍ତି ନିଜେ ହୋଇ ପରକୁ ଦୁଷ୍କୃତ କରନ୍ତି ହଲ୍ଲା କରେ ପର ଛୋଟ ଦୋଷକୁ ବଡ଼ ଦର୍ଶାଇ ତାକୁ ଶେଷ ପାଇଁ ବହୁ ପ୍ରକାର ପାଶ ଅସ୍ତ୍ର ପ୍ରୟୋଗ କରେ । ପ୍ରତ୍ୟେକଙ୍କର ନିଜ ନିଜ ପୁତି ଚିହ୍ନଟ କରିବା ଓ ତାକୁ ଦମିତ କରିବା ଏକ ସାଧନା, ସମସ୍ତଙ୍କ ପାଇଁ କାଳଭୋଗ ସମାନ ଦିନରାତ୍ରୀ ସାତ ଦିନ ୩୦ ତିଥି ୧୨ମାସ ଛଅ ଋତୁ ଭୋଗ ସମାନ ଘଣ୍ଟା-ମିନିଟ-ସେକେଣ୍ଡ ଭୋଗ ସମାନ ହେଲେ ମନୁଷ୍ୟ ମୃତ୍ୟୁ ପର୍ଯ୍ୟନ୍ତ ଏସବୁ ଭୋଗରେ ସମସ୍ତଙ୍କ ସୁଚିନ୍ତାଧାରାରେ ହାତରେ ଥିବା ଉପସ୍ଥିତ ଶାସ୍ତ୍ର ଅନୁମୋଦିତ କର୍ମ ସମ୍ପାଦନ ଓ ପ୍ରକୃତିର ଉପଯୁକ୍ତ ଧାରାରେ ସମାଜ, ଧର୍ମ, ଗୋଷ୍ଠୀ, ପରିବାର ସମ୍ବନ୍ଧରେ କାଳ ଭୋଗ କରିବା ସହିତ କାହାରି ଅମଙ୍ଗଳ ଚିନ୍ତା ନକରି ଶୁଦ୍ଧ ଜୀବନ ସୁସ୍ଥ ପରିବେଶ ରଖିବା ସତ୍ୟ ଜୀବନ । ଏଥିରେ କେହି କୌଣସି ଥିରେ ବ୍ୟତିକ୍ରମ କରିବା ବୁଝାଗଲେ ହେଲା ନିଜର ଦୁଷ୍କୃତ ।

ସମାଜ ଗଠନ ସମାଜଗତମାନେ ବେଳକୁ ବେଳ ସଂସ୍କାରିତ କରି ତାକୁ ସାର୍ବଜନୀନ କରୁଛନ୍ତି । ଏଥିରେ ସମସ୍ତେ ବ୍ରତୀ ହେବାକୁ ଏକ ନିୟମ ଧାର୍ଯ୍ୟ କରିଛନ୍ତି ହେଲେ କେହି ସେ ସମାଜ ବନ୍ଧନରେ ନରହି ପ୍ରଥମେ ସ୍ଥାନୀୟ ବିପ୍ଳବୀ ଦୁଷ୍ଟାମୀ ଦେଖାଯାଏ । ଲାଉ ଚୋରୁ ବଡ଼ ଚୋର ହେବା ମାର୍ଗରେ ଗତି କରେ । ପ୍ରଥମେ କଡ଼ା କଡ଼ି ନଥିଲେ ପରେ ବନ୍ଧ ଭାଙ୍ଗିଯାଏ । ବନ୍ୟାର ପ୍ଲାବନରେ ଅନେକ ଭାସିଯାଏ । ଏ ପ୍ରକାର ପରିବେଶକୁ ସମାଜରେ ତ୍ରାହି ତ୍ରାହି ଚିତକାର ଏପରି ଜଟିଳ ପରିସ୍ଥିତି ଉପୁଜିଲେ ଆସେ ଅବତାର ଆଗମନ, ଅବତାର କେହି ନୁହଁ । ବହୁଜନଙ୍କୁ ସ୍ୱ ବଳ ପରାକ୍ରମରେ ଶରୀର ଜୋର ଧନ ଯୋର ସ୍ୱ ସପକ୍ଷର ବଳଜୋରରେ କରୁଥିବା ଆତଙ୍କର ବିନାଶର ତୃଣମୂଳ ନିବାରଣ ସେ ଖୋଜି ଖୋଜି କରି ସମାଜ ଧର୍ମ, ଲୋକଚଳନୀକୁ ପୁନଃ ଶାନ୍ତ ପାଇଁ ଚେଷ୍ଟା କରନ୍ତି । ଅବତାର କେବେ ସଂହାର କେବେ ସଂସ୍କାର କରନ୍ତି । ସ୍ମୃତିଶାସ୍ତ୍ରରେ ଥିବା ନିୟମ ସବୁବେଳେ ଧାର୍ଯ୍ୟ ହୋଇନପାରେ, ମନୁସ୍ମୃତିର ଧାରା ଲୋକସଂଖ୍ୟା ବଢ଼ିଲେ ବଦଳେ ଲୋକସଂଖ୍ୟା କମିଲେ ବଦଳେ । ଆମ ସରକାର ସଂଖ୍ୟାଲଘୁ ନିୟମ ଲଗାଇ ପ୍ରତି ୧୦ ବର୍ଷରେ ଜନସଂଖ୍ୟା ଗଣନା କରି ୧୦ବର୍ଷ ତଳର ସଂଖ୍ୟାଲଘୁ କେତେ ବଢ଼ିଲା ଜାଣିବା ଅଙ୍କ ଓ ପରିସଂଖ୍ୟାନ ଦ୍ୱାରା ଜାଣୁଛନ୍ତି । ହେଲେ ୧୦ ବର୍ଷ ତଳେର କାନୁନ ସେହି ସଂଖ୍ୟାଲଘୁଙ୍କ ସଂଖ୍ୟା ହାର ଅଧିକ ହେଲେ ବି ସଂଖ୍ୟାଲଘୁମାନେ ପାଉଥିବା ରାଜ ସୁବିଧା ବଦଳ ବେଳେ ସରକାର ବିରୁଦ୍ଧରେ ଗର୍ଜନ କରୁଛନ୍ତି । ଏଠାରେ ସ୍ମୃତିଶାସ୍ତ୍ର ଧାରା ବଦଳରେ ପ୍ରତିବର୍ଷ ଜନସଂଖ୍ୟା ବୃଦ୍ଧିରେ ଆସୁଛି । ସମଗ୍ର ଦେଶ ଏକ ସରକାର ଚଳାଇବା ପାଇଁ ଯେଉଁ କାନୁନ ଜାହିର କରୁଛନ୍ତି ତା ପ୍ରକୃତରେ ସେ ମୌଳିକ ସ୍ମୃତିଶାସ୍ତ୍ରର ଧାରା ଛଡ଼ା କିଛି ନୁହଁ । ପାର୍ଲାମେଣ୍ଟ ହେଉ ଆସେମ୍ବ୍ଲି ହେଉ ଏଥିରେ କାନୁନ ବଦଳାଉ ଥିବା ବ୍ୟକ୍ତିମାନେ ଜଣେ ଜଣେ ଋଷି ପଥ ଅନୁଗାମୀ ଋଷିମାନେ ପ୍ରଚଳିତ ଧାରାରେ ଋଷି ବା ବ୍ୟକ୍ତି । ଧାରା ବଦଳରେ ଯେଉଁ ଯୁକ୍ତି ଆସୁଛି ସେ ବି ଋଷି, ହେଲେ ଯେ ଦୁଇ ପଥରେ ଯେ ମୌନ ରହୁଛି ସେମାନେ ମୌନୀ ବା ମୁନୀ । ମୁନୀ ଚୁପ ତାଙ୍କର ପଥ ପରିବର୍ତ୍ତନ ହେଉ ନ ହେଉ ଏ ଭାବନା ନଥାଏ । କାନୁନ ଶୁଦ୍ଧ ରହିଲେ ଧର୍ମଗତ ନୀତିଗତ ସମାଜଗତ ପ୍ରତ୍ୟେକଙ୍କର ଗୋଷ୍ଠୀଗତ ପରିବାରଗତ ଆଚାର ଠିକ ରହିବ ନଚେତ କାନୁନରେ ଛିଦ୍ର ରହିଲେ ହେଲା ଦୁଷ୍କୃତି । ଏଦେଶରେ ଗରିବ ହଟାଓ ପ୍ରକ୍ରିୟା ଚାଲିଛି ମାତ୍ର କାନୁନରେ କିଛି ଦୁଷ୍କୃତି ଅଛି ବୋଲି ଅନେକ ଋଣ ନେଇ ବିଦେଶ ପଳାଇ ଅୟସ କରୁଛନ୍ତି । ସରକାରୀ ଧନରେ ଅୟସ ଅନେକ କରୁଛନ୍ତି । ହେଲେ ଭକୁଆ ଅନେକ ଲୋକ ଏହା ହିଁ ବଡ଼ ଦୁଷ୍କୃତି । ଶିକ୍ଷିତ ହୋଇ ରୋଜଗାର କ୍ଷମ ହେବାକୁ ଅନେକଙ୍କର ଉଦ୍ୟମ ହେଲେ ଶିକ୍ଷାକୁ ଏବେ ଗୁରୁ ମୁଖି ନୁହଁ ଧନମୁଖି କରି ଦିଆଯାଇ ଜଣେ ଜଣେ ଧର୍ମ ସଂଗ୍ରହରେ ଛଳନା ରଖ କୃତ୍ରିମ କାନ୍ଦଣାରେ ସଭାଜନ ମୋହିତ କରି ବଡ଼ ସଂସ୍ଥା କରି ଶିକ୍ଷିତ ହେବା ଛାତ୍ରଛାତ୍ରୀଙ୍କ ପିତା ମାତାଙ୍କୁ ଶୋଷଣ କରୁଛନ୍ତି । ଏହାକୁ ଦମନ କରିବା କେବଳ ସରକାରୀ ପ୍ରୟାସ ଦରକାର । ଡାକ୍ତରଖାନା ସରକାରୀ ଥାଇବି ଘରୋଇ ଦାମୀ ଚିକିତ୍ସାଳୟରେ ଲୋକେ ଏବେ ବିଶ୍ୱାସ, ସରକାର ଡାକ୍ତରଖାନା ଖୋଲି ତହିଁରେ ଡାକ୍ତର ଯନ୍ତ୍ରପାତି ଔଷଧ ଠିକ ଭାବରେ ରଖୁନାହାଁନ୍ତି ଏ ଅଭିଯୋଗ ପ୍ରଚାର ଚାଲିଛି ଏହାକୁ ଜାଣି ସଂସ୍କାରିତ କର୍ମ ଘରୋଇ ଚିକିତ୍ସାଳୟରେ ରୋଗୀ ରୋଗୀ ଶୋଷଣକର୍ମ ଜାଣିବି ତାଙ୍କ ଉପରେ ବିଧି ନିଷେଧ ଲଗାଯାଉନାହିଁ । ଏଥିରେ ବି ଶୋଷଣ ଅଛି ଯାହା ଦୁଷ୍କୃତ । ଏ ଦୁଷ୍କୃତି କେହି ଜଣେ ବ୍ୟାପକ ହେଲେ ଅବତାର ଆସି କରିବେ । ଖାଦ୍ୟ ଯୋଗାଣ କୃଷକ ଓ ସରକାରଙ୍କର ଦାୟିତ୍ୱ ହେଲେ ଏଥିରେ ଖାଉଟି ଓ କୃଷକ ମଧ୍ୟରେ କେବଳ ସରକାର ନୁହଁନ୍ତି ଅଛନ୍ତି ମଧ୍ୟ ସତ୍ତ୍ୱାଧିକାରୀ ବଣିକ, ଏମାନେ ଦ୍ରବ୍ୟ ଚାଲାଣ ପାଇଁ ସରକାରୀ ପଟ୍ଟାଦାର, ଏପ୍ରକାର କର ଦେଇ ଅଭୟ ପ୍ରାପ୍ତ । ହେଲେ ତାଙ୍କର ଦୁଷ୍କୃତି ହେଲା କୃତ୍ରିମ ଅଭାବ ସୃଷ୍ଟି କରିବା ଖାଦ୍ୟରେ ଅପମିଶ୍ରଣ କରିବା, ଚଢ଼ା ଦରରେ ଦ୍ରବ୍ୟ ବିକ୍ରିରେ ଅନ୍ୟାୟ ଭାବରେ କରିବା, ଏସବୁ ଦୁଷ୍କୃତି ସମୟ ସମୟକୁ ଛେଦ ହେଲେ ବି ଇତି ନୁହଁ ଏମିତି ସମୟ ଆସିବ ଏ ଜଟିଳ ଦିଗକୁ ଯିବ । ଏ ପାଇଁ ଦୁଷ୍କୃତି ସଂହାର ବା ସଂସ୍କାରରେ ପାଇଁ ନିଶ୍ଚେ ଅବତାର ଆସିବେ । ପ୍ରତ୍ୟେକ ଗୃହସ୍ଥ ପରିବାରକୁ ଅବତାର ପ୍ରବେଶ ଅଛି । ଗରିବ ଘରେ ପୁଅ ପାଇଁ ଆନନ୍ଦ ଅଛି ପୁଅ ବା ଝିଅ ଏମାନେ ସ୍ୱର୍ଗୀୟ ଫଳ ଯାହା ସ୍ୱ ସ୍ତ୍ରୀକୁ ବୃକ୍ଷରେ ଫଳେ ହେଲେ ପିଲା ପାଠ ପଢ଼ି ମଣିଷ ହେଲେ ଦାରିଦ୍ର୍ୟ ପରିବାରର ନାଶ ହେବ, ଭଙ୍ଗା ପୁରୁଣା ଘର ନୂଆ ହେବ, ସଂକୁଚିତ ଯାଗା ତାଙ୍କର ରୋଜଗାରରେ ପ୍ରସାରିତ ହେବ ତାଙ୍କ ବିବାହ ପରେ ପୁଣି ତାଙ୍କ ସ୍ତ୍ରୀ ଆଣିବେ ସ୍ୱର୍ଗୀୟ ଫଳ ହେଲେ ମୁଗ୍ଧ ସାକାର ନହେଲେ କପାଳ ଦୋଷ ଦେବାକୁ ହୁଏ । ଯଦି ଯୋଗକୁ ଶୁଭ ଦିଗ ଫର୍ଚ୍ଚା ହୁଏ ତେବେ ଗୃହର ସ୍ୱପ୍ନ ସାର୍ଥକ ହୁଏ । ଏମିତି ଅପଦାର୍ଥ ପୁତ୍ର କନ୍ୟାଙ୍କ ଦୁଷ୍କୃତି ନାଶରେ ଅନେକ ଠେଙ୍ଗା ପ୍ରହାର ବିଭିନ୍ନ ପର୍ଯ୍ୟାୟ ସେମାନଙ୍କର ଆଗେ ରୋଜଗାର ସମୟ ବୃଥା ନଷ୍ଟ ହୋଇଥାଏ । ତେବେ ଦୁଷ୍କୃତି ପାଇଁ ଗୁରୁ ଜ୍ଞାନବାସଙ୍କର ବେତ ହୁଏତ ତାଙ୍କୁ ଅନେକ ବାରଣ କରିଥାଏ ସେ ପରଜୀବନରେ ମାନି ନଥାନ୍ତି । ଏ ଚାଳଘରେ ବହୁ ପ୍ରକାର ଖୁଣ୍ଟ ନାଦ୍ରାଚାଳରେ ଦୁଇ ମୁଖ୍ୟ ଖୁଣ୍ଟ ଶେଣୀକ ଧରି ରଖିଥାଏ । ଶେଣୀ ରୁଅର ଆଧାର ରୁଅ ମାନେ ବୁଣାଟରେ ସଂଯୋଗ ହୋଇ ପରସ୍ପର ରୁଅ ମାନଙ୍କୁ ମଧ୍ୟରେ ଧରି ରଖିଛନ୍ତି । ଏହି ଥାଟ ଉପରେ ଛପର ପଡ଼ିଛି ହେଲେ ଖୁଣ୍ଟ ମଝି ଭୂତ ନଥିଲେ ସବୁ ବୃଥା ମୁଖ୍ୟ ଖମ୍ବ ଦୁର୍ବଳ ଠିଆ ହେବ ବେଶୀଦିନ ଘରକୁ ସ୍ଥାୟୀ ପବନ ପାଣିରୁ ରକ୍ଷା କରିନପାରେ । ଏମିତି ରାଜନୈତିକ ଦଳଙ୍କର ଖମ୍ବ ଓ କୌଣସି ମନ୍ତ୍ରୀମଣ୍ଡଳର ଦଳ ମୁଖ୍ୟ ଖମ୍ବ ସଦୃଶ ଏମାନେ ହଲଚଲ ହେଲେ ପଦବୀ ପାଇଁ ସ୍ୱାର୍ଥ ନିଜର ଦେଖିଲେ ହେଲା ଦୁଷ୍କୃତି ଉପରେ ଘର ଭାଙ୍ଗିବା ଦଳ ନିର୍ମୂଳ । ଏମିତି ମୂଳ କଂଗ୍ରେସ ଏପରି ହୋଇ ଆଜି ବହୁଦଳ ତାହା ପୁଣି ଅନ୍ୟଦଳରେ ବଦଳୀ କେବେ ଅସମ୍ଭବ ନୁହଁ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ଯୁବକଙ୍କ ହାତରେ ଭାରତର ଭିବଷ୍ୟତ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଜାତିସଂଘ ପକ୍ଷରୁ ଅଗଷ୍ଟ ୧୨କୁ ବିଶ୍ୱ ଯୁବ ଦିବସ ଭାବେ ପାଳନ କରାଯାଇଥାଏ । ଯୁବପିଢ଼ି ସମ୍ମୁଖୀନ ହେଉଥିବା ବିଭିନ୍ନ ସାଂସ୍କୃତିକ ଓ ଆଇନଗତ ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରିବା ଏହି ଦିବସ ପାଳନର ଲକ୍ଷ୍ୟ । ୨୦୦୦ ମସିହାରୁ ପ୍ରତିବର୍ଷ ଅଗଷ୍ଟ ୧୨ରେ ଜାତୀୟ ଯୁବ ଦିବସ ପାଳନ ହେଉଛି । ପୃଥିବୀରେ ସେବୁଠାରୁ ବେଶୀ ଯୁବକ କେଉଁ ରାଷ୍ଟ୍ରରେ ବାସ କରନ୍ତି ବୋଲି ଯଦି ପ୍ରଶ୍ନ କରାଯାଏ ତେବେ, ତାହାର ଉତ୍ତର ହେଉଛି ଭାରତ । ଏହା ନିଶ୍ଚିତଭାବେ ଭାରତ ପାଇଁ ଏକ ଗୌରବ । ଭାରତରେ ପ୍ରାୟ ୫୪ କୋଟି ଯୁବକ ବାସ କରୁଛନ୍ତି । ଏମାନଙ୍କ ହାତରେ ଭାରତର ଭିବଷ୍ୟତ ନିର୍ଭର କରୁଛି । ସଂପ୍ରତି ଭାରତର ରାଜନୈତିକ ଏବଂ ସାମାଜିକ ସ୍ତରରେ ଯେଉଁ ହୀନମନ୍ୟତା ଏବଂ ରୁଗ୍ଣ ପରିବେଶ ସୃଷ୍ଟି ହୋଇଛି ତାହାକୁ କେବଳ ଯୁବକମାନେ ଦୂର କରିପାରିବେ । ଶାସନ ପ୍ରକ୍ରିୟା ଚାହେଁ ସ୍ୱଚ୍ଛତା, ଦୃଢ଼ତା ଏବଂ ଦୁର୍ନୀତିରୁ ମୁକ୍ତ । ଏହା ପାଇବା ପାଇଁ ସାଂପ୍ରତିକ ବ୍ୟବସ୍ଥା ଉପରେ ନିର୍ଭର କରିବା ଚରମ ନିର୍ବୋଧତା ବ୍ୟତୀତ ଆଉକିଛି ନୁହେଁ । କେବଳ ଯୁବକମାନେ ରାଷ୍ଟ୍ରକୁ ଏହା ଦେଇପାରିବେ ବୋଲି ମନରେ ପ୍ରତ୍ୟୟ ସୃଷ୍ଟି ହେଉଛି । ଯୁବସଂପ୍ରଦାୟକୁ ଏହାମଧ୍ୟ ଚେତାଇ ଦେବାକୁ ପଡ଼ିବ ଯେ ପଶୁରାଜ ସିଂହ ଗୁମ୍ଫାରେ ଶୋଇ ରହିଲେ ତାହା ପାଖରେ ଆହାର ପହଞ୍ଚିବ ନାହିଁ । ଆହାର ପାଇଁ ସିଂହକୁ ବଣକୁ ଯାଇ ଶିକାର କରିବାକୁ ପଡ଼ିବ । ଯୁବା ସମୟ ହେଉଛି ଅଫୁରନ୍ତ ଶକ୍ତିର ଗନ୍ତାଘର । ପ୍ରତ୍ୟେକ ଯୁବକଯୁବତୀ କିଛି ଉଲ୍ଲେଖନୀୟ କାର୍ଯ୍ୟକରି ନିଜ ପାଇଁ ସମୟର ସରଣୀରେ ଏକ ସ୍ଥାନ ସୃଷ୍ଟି କରିବାକୁ ଚାହେଁ । ଯୁବାବସ୍ଥାରେ ମନୋଭାବ ଗଠନମୂଳକ ଥାଏ ଏବଂ କିଛି କରିବାର ସୁଯୋଗ ଦିଆନଯାଏ, ତେବେ ରାଷ୍ଟ୍ରସ୍ଥବିର ହୋଇଯାଏ । ବିକାଶ ପ୍ରକ୍ରିୟା ଆଗେଇ ପାରେନାହିଁ । ସେମାନଙ୍କୁ ଏପରିକିଛି କରିବାକୁ ସୁଯୋଗ ଦିଆଯାଉ ଯାହାଫଳରେ ସେମାନେ ନିଜେ ଗୌରବ ଅନୁଭବ କରିବା ସହିତ ରାଷ୍ଟ୍ରକୁ ମଧ୍ୟ ଗୌରାବାନ୍ୱିତ କରିପାରିବେ । ସେମାନଙ୍କ କାର୍ଯ୍ୟ ଦୀର୍ଘସ୍ଥାୟୀ ହୋଇପାରିବ । କିଛି ନୂଆ କାମ କରିବାକୁ ହେଲେ ଏକ ଗଠନମୂଳକ ବୈପ୍ଳବିକ ଚିନ୍ତାଧାରା ଆବଶ୍ୟକ । ପରିବର୍ତ୍ତନକୁ ଗ୍ରହଣ କରିବାକୁ ସମସ୍ତେ ଆଗ୍ରହୀ ହେବା ସ୍ୱାଭାବିକ, କିନ୍ତୁ ଯୁବକମାନେ ନୂତନ ବିଚାରଧାରାକୁ ଯେପରି ସଫଳତାର ସହିତ କାର୍ଯ୍ୟକାରୀ କରିପାରିବେ ତାହା ବୟସ୍କମାନେ କରିବା କଷ୍ଟକର । ପ୍ରାଚୀନରୁ ନୂତନତ୍ୱକୁ ଯିବା ପାଇଁ ଏକ ଶକ୍ତିଶାଳୀ ଆବେଗ କେବଳ ଯୁବ ସଂପ୍ରଦାୟଠାରେ ଆମେ ଦେଖିବାକୁ ପାଇବା । ବୟସ୍କମାନଙ୍କ ସ୍ଥାଣୁ ମାନସିକତା ଏବଂ ଆଗ୍ରହର ଅଭାବ ବିକାଶ ପ୍ରକ୍ରିୟାରେ ବାଧାସୃଷ୍ଟି କରିଥାଏ । ଏମାନଙ୍କ ଯୋଗୁଁ ଶିଳ୍ପ ପ୍ରତିଷ୍ଠା ସମେତ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହୋଇପାରେ ନାହିଁ । ଏହା ହେଉଛି ଭାରତର ଦୁର୍ଭାଗ୍ୟ ଏହାର ବିପୁଳ ଯୁବଶକ୍ତି ଥାଇ ମଧ୍ୟ ସେମାନେ ବିକାଶ ପ୍ରକ୍ରିୟାକୁ ଆଗେଇ ନେବାଲାଗି ଏ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଭାବେ ଆଗେଇ ଆସିନାହାଁନ୍ତି । ପ୍ରାଚୀନମାନଙ୍କ ପ୍ରଭାବରୁ ମୁକ୍ତ ହୋଇ ସେମାନଙ୍କୁ ଜାଗ୍ରତ ହେବାକୁ ପଡ଼ିବ । ଏହା ହୋଇନପାରିଲେ ଭାରତ ଏକବିଂଶ ଶତାବ୍ଦୀର ଶାର୍ଦ୍ଦୁଳ ହୋଇପାରିବ ନାହିଁ । ଯୁବକଙ୍କ ନିକଟରେ ରହିଛି ମୁକ୍ତ ମାନସିକତା ଏବଂ ଜିଗୀଷା । ସଫଳତା ନିମନ୍ତେ ଏହି ଦୁଇ ଶକ୍ତିର ଆବଶ୍ୟକତା ରହିଛି । ଏହା କେବଳ ଯୁବକଙ୍କ ନିକଟରେ ରହିଛି । ରାଷ୍ଟ୍ର ଆଜି ସନ୍ତ୍ରାସବାଦୀଙ୍କ ଠାରୁ ଆରମ୍ଭ କରି ବିକାଶ ବିରୋଧୀ ଶକ୍ତିମାନଙ୍କର ସମ୍ମୁଖୀନ ହୋଇଛି । ସେମାନଙ୍କୁ ଠିକଣା ଜବାବ କେବଳ ଯୁବ ସଂପ୍ରଦାୟ ଦେଇପାରିବ । କିନ୍ତୁ ଭାରତର ଯୁବଗୋଷ୍ଠୀ ନିକଟରେ ଏତେ ଶକ୍ତି ଥିବାବେଳେ ସେ ନିଷ୍କ୍ରିୟ କାହିଁକି ? କ୍ଷମତାର ପଶାପାଲିରେ ସେମାନଙ୍କୁ ବାହୁବଳୀ ଭାବେ ବ୍ୟବହାର କରାଯାଉଛି ! ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ସେମାନଙ୍କୁ ବିଭିନ୍ନ ଅପରାଧ କରିବାକୁ ପ୍ରୋତ୍ସାହିତ କରୁଛି । କେତେକ କ୍ଷେତ୍ରରେ ଏବଂ ହିଂସାତ୍ମକ କାର୍ଯ୍ୟରେ ସେମାନଙ୍କୁ ନିୟୋଜିତ କରି ସେମାନଙ୍କ ମଧ୍ୟରେ ଥିବା ଗଠନମୂଳକ ଶକ୍ତିକୁ ନଷ୍ଟ କରାଯାଉଛି । କ୍ଷମତାଲିପସୁ ଏବଂ ଅର୍ଥପିପାସୁ ଦଲାଲମାନଙ୍କ ନିୟନ୍ତ୍ରଣରୁ ଯୁବସମାଜକୁ ରକ୍ଷା କରିବାକୁ ପଡ଼ିବ । କେବଳ ଆଧ୍ୟାତ୍ମିକ ଚେତନାର ଉଦୟ ଏବଂ ସଚ୍ଚୋଟ ବ୍ୟକ୍ତିଙ୍କ ପରାମର୍ଶ ଦ୍ୱାରା ରାଷ୍ଟ୍ରର ପଥଭ୍ରଷ୍ଟ ଯୁବସଂପ୍ରଦାୟକୁ ବିକାଶର ମୁଖ୍ୟସ୍ରୋତକୁ ଅଣାଯାଇପାରିବ । ଏହା ହୋଇନପାରିଲେ ବିନାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ । ଯୁବଶକ୍ତିକୁ ଗଠନମୂଳକ କାର୍ଯ୍ୟରେ ନିୟୋଜିତ କରିବାପାଇଁ ୧୯୮୫ ମସିହାରୁ କେତେକ କାର୍ଯ୍ୟକ୍ରମ ଉଭୟ କେନ୍ଦ୍ର ଏବଂ ରାଜ୍ୟସ୍ତରରେ ଆରମ୍ଭ ହୋଇଛି । ଗାଁ, ବିଦ୍ୟାଳୟ, ମହାବିଦ୍ୟାଳୟମାନଙ୍କରେ ଯୁବକମାନଙ୍କ ନିମନ୍ତେ ବହୁବିଧ କାର୍ଯ୍ୟକ୍ରମ ଖୋଲାଯାଇଛି । ଯୁବଶକ୍ତିକୁ ଏକଜୁଟ କରି ସେମାନଙ୍କ ମଧ୍ୟରେ ସଂହତି ପ୍ରତିଷ୍ଠା ଏବଂ ସେମାନଙ୍କୁ ସେମାନଙ୍କ ଶକ୍ତି ସଂପର୍କରେ ସଚେତନ କରାଇବା ପାଇଁ ପ୍ରତିବର୍ଷ ଜାତୀୟ ଯୁବଉତ୍ସବର ଆୟୋଜନ କରାଯାଉଛି । ବିଗତ ୧୫ବର୍ଷ ହେଲା ଏହି ପ୍ରକ୍ରିୟା ଚାଲିଆସୁଛି । ଆଜି ଯୁବଶକ୍ତିର ପ୍ରତୀକ ସ୍ୱାମୀ ବିବେକାନନ୍ଦଙ୍କ ପବିତ୍ର ଜନ୍ମ ଦିବସ ପାଳନ କଲାବେଳେ ଯୁବପିଢ଼ିଙ୍କୁ ପୁଣି ସ୍ମରଣ କରାଇ ଦିଆଯାଉଛି ଯେ, ସୁବର୍ଣ୍ଣ ସୁଯୋଗ ସମ୍ମୁଖରେ ରହିଛି । ଏହାକୁ ହାସଲ କରିବାକୁ ସ୍ଥାଣୁତାରୁ ଉଠ, ଜାଗ୍ରତ ହୁଅ ଲକ୍ଷ୍ୟ ହାସଲ ନିମନ୍ତେ ସମସ୍ତ ଶକ୍ତି ଖଟାଇ ଦିଅ । ଯେଉଁ ରାଷ୍ଟ୍ରର ଭବିଷ୍ୟତକୁ ଆଗେଇ ନେବାପାଇଁ ୫୪ କୋଟି ଯୁବକଙ୍କର ଶକ୍ତ କାନ୍ଧ ରହିଛି ସେ ରାଷ୍ଟ୍ର କଦାପି ଦୁର୍ବଳ ଏବଂ ନିର୍ବଳ ହୋଇନପାରେ ।

ସହ-ପ୍ରତିରଦ୍ଧିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

# ଓଡିଶାର ପ୍ରଥମ ବାଚସ୍ପତି



ଅକ୍ଷୟ କୁମାର ରାଉତ

ଭାରତ ବର୍ଷର ସ୍ୱାଧିନତା ଆନ୍ଦୋଳନରେ ଅନେକ ସଂଗ୍ରାମୀ ବଳିପଡିଗଲେ । ସେମାନଙ୍କ ଭିତରୁ ଅନେକ ବିଦେଶୀ ସରକାରଙ୍କ ବିରୁଦ୍ଧରେ ଆପୋଷହୀନ ଭାବରେ ଲଢେଇ କରୁଥିଲେ । ଦେଶସେବା ଥିଲା ସେମାନଙ୍କର ଜୀବନର ବ୍ରତ । ଏହିଭଳି ଯେଉଁ କେତେଜଣ ଶେଷ ନିଃଶ୍ୱାସ ତ୍ୟାଗ ପୂର୍ବରୁ ନିଜ ନୀତିରୁ ବିଚ୍ୟୁତ ହୋଇ ନଥିଲେ । ମୁକୁନ୍ଦ ପ୍ରସାଦ ଦାସ ସେମାନଙ୍କ ଭିତରୁ ଥିଲେ ଅନ୍ୟତମ । ବାଲେଶ୍ୱର ଜିଲ୍ଲାର ଗଣ୍ଡିବେଡ ନିକଟରେ ଏକ ଛୋଟ ଗାଁ ପାବର୍ତୀପୁର । ଏହି ଗାଁରେ ଏକ ସଂଭ୍ରାନ୍ତ କରଣ ବଂଶରେ ୧୮୮୭ ମସିହା ଅଗଷ୍ଟ ମାସ ୧୨ ତାରିଖରେ ହର ପ୍ରସାଦ ଦାସଙ୍କ ବଡ ପୁତ୍ରରୂପେ ଜନ୍ମ ଗ୍ରହଣ କଲେ ମୁକୁନ୍ଦ ପ୍ରସାଦ । ତାଙ୍କର ଦୁଇଭାଇ ଓ ଗୋଟିଏ ଭଉଣୀ ମଧ୍ୟ ଥିଲେ । ମୁକୁନ୍ଦ ପ୍ରାସଦ ଗାଁରୁ ପାଠପଢା ଆରମ୍ଭ କରି ସୋର ମାଇନର ସ୍କୁଲରେ ପାଠପଢିଲେ । ମାଲବାହୀ ରେଲଗାଡିରେ ବସି ମାଇନର ପରୀକ୍ଷା ଦେବା ପାଇଁ ଭଦ୍ରକ ଯାଇଥିଲେ । ମୁକୁନ୍ଦ ପ୍ରସାଦ ଜଣେ କୃତି ଛାତ୍ର ଥିଲେ ।ସେ ତାଙ୍କର ପିଉସାଙ୍କ ନିକଟରେ ରହି ବାଲେଶ୍ୱର ମିଶନ ସ୍କୁଲରେ ମେଟ୍ରିକ ପାଠ ପଢୁଥିଲେ । ତାଙ୍କ ପିତା ଜଣେ ପ୍ରାଥମିକ ଶିକ୍ଷକ ଥିବାରୁ ମୁକୁନ୍ଦ ପ୍ରସାଦ ପିଉସାଙ୍କ ଉପରେ ନିର୍ଭର କରୁଥିଲେ । ପିଉସା ମେସ୍ ଖର୍ଚ୍ଚ ବାବଦକୁ ଦିନକୁ ୬ ପଇସା ଦେଉଥିଲେ । ମୁକୁନ୍ଦ ପ୍ରସାଦ ଭଦ୍ରକରୁ ନୌକାରେ ଆସି କଟକରେ ମେଟ୍ରିକ ପରୀକ୍ଷା ଦେଇ ମେଟ୍ରିକ ପାସ୍ କରିଥିଲେ । ମୁକୁନ୍ଦ ପ୍ରସାଦ ଆର୍ଥିକ ଅଭାବ ଯୋଗୁ କଲେଜରେ ପଢିପାରି ନଥିଲେ । ସେ ଘରୋଇ ଭାବେ ପାଢପଢି କଲିକତାରେ ମୁକ୍ତ୍ୟାର ପରୀକ୍ଷା ଦେଇ ସଫଳାତାର ସହ କୃତ କାର୍ଯ୍ୟ ହେଲେ । ବାଲେଶ୍ୱରସ୍ଥ ଝାଡେଶ୍ୱର ମନ୍ଦିର ନିକଟରେ ଗୋଟିଏ ଭଡା ଘର ନେଇ ମୁକ୍ତ୍ୟାର କାର୍ଯ୍ୟ ଆରମ୍ଭ କରିଥିଲେ । ସେ ଥିଲେ ଜଣେ ସ୍ୱାଧୀନଚେତା ନିର୍ଭୀକ ସତ୍ୟର ପୂଜାରୀ ମଣିଷ, ଅତି କମ୍ ଦିନ ମଧ୍ୟରେ ସେ ଜଣେ ନାମଜାଦା ମୁକ୍ତ୍ୟାର ଓ ଆଇନଜୀବୀ ଭାବେ ବାଲେଶ୍ୱର ଜିଲ୍ଲାରେ ପ୍ରସିଦ୍ଧ ଲାଭ କଲେ । ଥରେ କୌଣସି ଏକ କେସ୍ ସମ୍ବନ୍ଧରେ କଲିକତା ଯାଇଥିଲେ, ଯିବା ପୂର୍ବରୁ ସମସ୍ତଙ୍କୁ କହିଥିଲେ ଯଦି ଏହି କେସ୍‌ରେ ସେ ହାରି ଯାଆନ୍ତି, ତେବେ ସେ ପବିତ୍ର ଗଙ୍ଗା ନଦୀରେ ଆତ୍ମ ବିସର୍ଜନ କରିବେ, କିନ୍ତୁ ସେ କେସ୍‌ରେ ବିଜୟୀ ହୋଇ ଖୁସିରେ ଘରକୁ ଫେରିଲେ । ଦିନେ ବାଲେଶ୍ୱରର କଲେକ୍ଟର ଦେବ ସାହେବଙ୍କୁ ଏସ୍.ଡି.ଓ.ଙ୍କ କୋର୍ଟରେ ସାକ୍ଷୀ ଦେବାକୁ ପଡିଲା । ମୁକ୍ତ୍ୟାର ଭାବେ ମୁକୁନ୍ଦ ପ୍ରସାଦ ଦେଖିଲେ ଯେ କଲେକ୍ଟର ଏସ୍.ଡି.ଓ.ଙ୍କ ନିକଟରେ ଏକ ଚଉକି ଉପରେ ବସିଛନ୍ତି । ତେଣୁ ମୁକୁନ୍ଦ ପ୍ରସାଦ କିଛି ପଚାରି ପାରିଲେନାହିଁ । ବିଳମ୍ବ ହେତୁ ଏସ୍.ଡି.ଓ. ମୁକ୍ତ୍ୟାର ମୁକୁନ୍ଦ ପ୍ରସାଦଙ୍କୁ ପଚାରିଲେ ସାହେବ ତ ଅନେକ ବେଳୁ ଆସିଲେଣି । ଆପଣ ତାଙ୍କୁ ପଚାରିବାର ଯାହା ଅଛି ଡେରି ନ କରି ପଚାରନ୍ତୁ । ମାତ୍ର ମୁକ୍ତ୍ୟାର ଜଣକ ସ୍ପଷ୍ଟ ଭାବେ କହିଲେ- କଲେକ୍ଟର ସାକ୍ଷୀଦେବା ସ୍ଥାନରେ ଛିଡା ହେଲା ପରେ ସେ ତାଙ୍କୁ କିଛି ପଚାରିବେ । ଏହି କଥାରେ କଲେକ୍ଟର ସାହେବ ରାଗି, ସାକ୍ଷୀ ଗଡାକୁ ଯାଇ ଛିଡା ହେଲେ । ଏହାପରେ ମୁକ୍ତ୍ୟାର ତାଙ୍କୁ ଜେରା କରିଥିଲେ ।ଏହି ନିର୍ଭୀକ ଓ ସ୍ପଷ୍ଟବାଦୀ ମୁକ୍ତ୍ୟାର ଜଣକ ହେଉଛନ୍ତି ଆମ ଓଡିଶା ବିଧାନସଭାର ପ୍ରଥମ ବାଚସ୍ପତି ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ଦାସ । ମୁକୁନ୍ଦ ପ୍ରସାଦ କଠୋର ପରିଶ୍ରମ କରି ଜଣେ ସଫଳ ସଚ୍ଚୋଟ ଓ ନିଷ୍ପାପର ଆଇନଜୀବୀ ଭାବେ ଦକ୍ଷତା ପ୍ରତିପାଦନ କରି ସାରିବା ପରେ, ବିଶିଷ୍ଟ ଆଇନଜୀବୀ ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାପାତ୍ରଙ୍କ କନ୍ୟା ଜାହ୍ନବୀ ଦେବୀଙ୍କୁ ବିବାହ କରିଥିଲେ । ଜାହ୍ନବୀ ଦେବୀ ଥିଲେ ଜଣେ ନାରୀ ନେତ୍ରୀ । ପରବର୍ତୀ ସମୟରେ ସେ ମୁକୁନ୍ଦ ପ୍ରସାଦଙ୍କ ସହିତ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ପରାଧିନ ଭରତ ବର୍ଷରେ ସାଧାରଣ ଲୋକେ ଇଂରେଜ ସରକାରଙ୍କ କଠୋର କୁଶାସନ ଓ ଅନ୍ୟାୟ ଅତ୍ୟାଚାରର ସମ୍ମୁଖୀନ ହେଉଥିଲେ । ମୁକୁନ୍ଦ ପ୍ରସାଦ ଆଇନ ମାଧ୍ୟମରେ ନିର୍ଭୀକ ସ୍ୱର ଉତୋଳନ କରି ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରୁଥିଲେ । ବିନା ଅପରାଧରେ ସରଳ ସୁନ୍ଦର ଲୋକମାନେ ନାନା କଷ୍ଟ ଭୋଗ କରୁଥିଲେ । ମୁକୁନ୍ଦ ପ୍ରସାଦ ବିନା ପଇସାରେ ଅନେକ ମକଦ୍ଦମା ଲଢ଼ି ପ୍ରକୃତ ନ୍ୟାୟ ଲୋକମାନଙ୍କୁ ଦେଇ ପାରୁଥିଲେ । ଏଥିରେ ବାଲେଶ୍ୱର କଲେକ୍ଟର, ମୁକୁନ୍ଦ ପ୍ରସାଦଙ୍କ ଉପରେ ଅସନ୍ତୁଷ୍ଟ ହୋଇ ମିଥ୍ୟା ମକଦ୍ଦମା ଦାଏର କଲେ । ଏହି ମିଥ୍ୟା ମକଦ୍ଦମାରୁ ଉଦ୍ଧାର ପାଇବା ପାଇଁ ମୁକୁନ୍ଦ ପ୍ରସାଦ ମଧୁ ବାବୁଙ୍କର ସହାୟତା ଲୋଡିଲେ । ମୁକୁନ୍ଦ ପ୍ରସାଦଙ୍କ ବିଚାର ଦିନ ବାଲେଶ୍ୱର ଅଦାଲତରେ ମଧୁବାବୁ ପହଂଚି ଦେଖିଲେ ମିଶଲରେ ଜଜଙ୍କ ନିକଟରେ କଲେକ୍ଟର ବସିଛନ୍ତି । ତେଣୁ କାହାକୁ କିଛି ନକହି ଡାକ ବଙ୍ଗଳାକୁ ଚାଲିଗଲେ । ଏହାପରେ ଜଜ୍ ବିବ୍ରତ ହୋଇ ପେସ୍କାରଙ୍କୁ ପ୍ରକୃତ କାରଣ କଣ ବୁଝିବା ପାଇଁ ମଧୁବାବୁଙ୍କ ନିକଟକୁ ପଠାଇଲେ । ମଧୁବାବୁ ପେସ୍କାରଙ୍କୁ ଦେଖି ଚଡା ଗଳାରେ କହିଲେ -'ତୁମ ଜଜଙ୍କୁ କହିଦେବ, ସେ ବ୍ରିଟିସ୍ କ୍ରାଉନଙ୍କୁ ଅପମାନିତ କରିଛନ୍ତି ଯେଉଁ ସରକାରୀ କର୍ମଚାରୀ କ୍ରାଉନଙ୍କୁ ଅପଦସ୍ତ କରେ, ସେ ସରକାରୀ କାର୍ଯ୍ୟ କରିବା ପାଇଁ ଯୋଗ୍ୟ ନୁହେଁ । ତେଣୁ ତୁମ ଜଜ୍ ତାଙ୍କ ପଦବୀରେ ରହିବା ଅନୁଚିତ' । ଜଜ୍ ମୁଦାଲାକୁ ନିଜ ପାଖରେ ମିଶଲରେ ବସାଇ ଅନ୍ୟାୟ କରିଛନ୍ତି, ତେଣୁ ମୁଁ ଚାଲି ଅସିଲି ' ପେସ୍କାର ମଧୁବାବୁଙ୍କ କଥା ଜଜଙ୍କୁ ଜଣାଇବାରୁ ଜଜ୍ ନିଜର ଭୁଲ ବୁଝିପାରିଲେ ଓ ମଧୁବାବୁଙ୍କୁ ବଙ୍ଗଳାରେ ଦେଖାକରି ଭୁଲ ସ୍ୱୀକାର କଲେ । ଯଥା ସମୟରେ ଜଜ୍ ନିଜର ରାୟ ଘୋଷଣା କରି ମୁକୁନ୍ଦ ପ୍ରସାଦଙ୍କୁ ନିର୍ଦ୍ଦୋଷରେ ଖଲାସ କଲେ ।ମୁକୁନ୍ଦ ପ୍ରସାଦ ଛାତ୍ର ଥିବା ବେଳେ ୧୯୦୭ ମସିହାରେ ଉତ୍କଳ ୟୁନିୟନ କଂଗ୍ରେସ ଦ୍ୱାରା ପରିଚାଳିତ ଦେଶ ମିଶ୍ରଣ ଆନ୍ଦୋଳନରେ ଯୋଗ ଦେଇଥିଲେ । ବ୍ରିଟିଶ ଶାସକଙ୍କ ଅନ୍ୟାୟ,ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମ ଚଳାଇଥିଲେ । ଜଣେ ବିଶିଷ୍ଟ ସମାଜ ସେବୀ ଓ ସ୍ୱାଧୀନତା ସଂଗ୍ରାମୀ ଭାବରେ ତାଙ୍କର ପତ୍ନୀ, ପୁତ୍ର ଓ କନ୍ୟା ସମସ୍ତଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରାଇଥିଲ । ସେ ହରେକୃଷ୍ଣ ମହତାବଙ୍କର ଜଣେ ଘନିଷ୍ଠ ସହଯୋଗୀ ହୋଇଯାଇଥିଲେ । ମହାତ୍ମା ଗାନ୍ଧୀ ଏହି ସଭାରେ ଭାଷଣ ଦେଇଥିଲେ । ଏହି ସଭାରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ, ସୁଭଦ୍ରା ମହତାବ, ନନ୍ଦକିଶୋର ଦାସଓ ନୀଳାମ୍ବର ଦାସ ସମେତ ବହୁ ବିଶିଷ୍ଟ ନେତା ଓ କଂଗ୍ରେସର କର୍ମୀ ଯୋଗ ଦେଇ ଥିଲେ । ଏହାପରେ ମୁକୁନ୍ଦ ପ୍ରସାଦ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଇନ ବ୍ୟବସାୟକୁ ପରିତ୍ୟାଗ କରି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ହଜାରୀବାଗ୍ ଜେଲରୁ ଖଲାସ ହୋଇ ଓଡିଶା କଂଗ୍ରେସର ନେତାମାନେ ପ୍ରଥମେ ମୁକୁନ୍ଦ ପ୍ରସାଦଙ୍କୁ ସାକ୍ଷାତ କରୁଥିଲେ । ମୁକୁନ୍ଦ ପ୍ରସାଦ ସେମାନଙ୍କର ରହିବା,ଖାଇବ ଓ ସୁବିଧା ଅସୁବିଧାର ସମସ୍ତ ଖର୍ଚ୍ଚ ବହନ କରୁଥିଲେ । ବ୍ରିଟିଶ ସରକାରଙ୍କ ୧୯୩୫ ମସିହା ଭାରତ ଆଇନ୍ ଅନୁଯାୟୀ ଓଡିଶା ବିହାରରୁ ଅଲଗା ହୋଇ, ୧୯୩୬ ମସିହା ଏପ୍ରିଲ ପହିଲା ଦିନ ବିଧିବଦ୍ଧ ଭାବେ ଓଡିଶା ସ୍ୱତନ୍ତ୍ର ରାଜ୍ୟ ରୂପେ ଘୋଷିତ ହେଲା । ତେଣୁ ରାଜ୍ୟ ବିଧାନସଭାର ୬୦ଟି ଆସନ ନିମନ୍ତେ ନିର୍ବାଚନ କରାଗଲା । ଏହି ନିର୍ବାଚନରେ କଂଗ୍ରେସ ସଂଖ୍ୟା ଗରିଷ୍ଠତା ଲାଭ କରିଥିଲେ ମଧ୍ୟ ସଂଖ୍ୟାଲଘୁ ବିରୋଧି ଦଳର ନେତା ପାରଳାଖେମୁଣ୍ଡିର ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଓଡିଶାର ପ୍ରଧାନମନ୍ତ୍ରୀ ଓ ମୁକୁନ୍ଦ ପ୍ରସାଦ ଦାସ ପ୍ରଥମ ବାଚସ୍ପତି ଭାବରେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ରେଭେନସା କଲେଜରେ ବିଧାନସଭାର ପ୍ରଥମ ଅଧିବେଶନ ୧୯୩୭ ମସିହା ଜୁଲାଇ ୨୮ ତାରିଖ ଦିନ ବସିଥିଲା । ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ବିଧାନସଭାର ସମସ୍ତ ସଭ୍ୟଙ୍କୁ ଠିଆହୋଇ 'ବନ୍ଦେ ମାତରମ୍' ଗାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବାଚସ୍ପତି ଭାବରେ ଓଡିଶାର ସମସ୍ତ ବିଚ୍ଛିନ୍ନାଂଚଳକୁ ଓଡିଶାରେ ମିଶେଇବା ପାଇଁ ଅବିରତ ଚେଷ୍ଟା ଚଳାଇଥିଲେ ।ବାଚସ୍ପତି ଭାବରେ ବିଧାନସଭାରେ ବ୍ୟବହୃତ ଭାଷା ପ୍ରଶ୍ନୋତର, ତର୍କ-ବିତର୍କ ଆଦି ନିୟମ, ଆଦର୍ଶ ଓ ପରମ୍ପରା ଉପରେ ତାଙ୍କର ଗଭୀର ଦକ୍ଷତା ଥିଲା । ତାଙ୍କରଅନେକ ଉପାଦେୟ ନିଷ୍ପତି ବିଧାନସଭାର ଗୌରବ ବୃଦ୍ଧି କରିଥିଲା । ପରବର୍ତିକାଳରେ ମୁକୁନ୍ଦ ପ୍ରସାଦ ବାଚସ୍ପତି ମାନଙ୍କ ନିମନ୍ତେ ଆଦର୍ଶ ହୋଇଯାଇଥିଲେ । ୧୯୬୦ ମସିହାରେ ବିଶ୍ୱକୃଷି ପ୍ରଦର୍ଶନୀ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡିଶାରୁ ମୁକୁନ୍ଦ ପ୍ରସାଦ ପ୍ରତିନିଧି ରୂପେ ଯୋଗଦେଇ କୃଷିର ବିକାଶ ପାଇଁ କେତେକ ସଂସ୍କାରମୂଳକ କାର୍ଯ୍ୟ କରିଥିଲେ । ତାଙ୍କ ଗ୍ରାମରେ ପ୍ରଥମେ ଜାପାନୀ କଳ ଲଙ୍ଗଳ ସାହାର୍ଯ୍ୟରେ ଚାଷ କରିଥିଲେ । କୃଷି ବ୍ୟତୀତ ଓଡିଆ ଭାଷା, ସାହିତ୍ୟ,ସଂସ୍କୃତି,ପରମ୍ପରା ଓ ସଙ୍ଗୀତର ବହୁ ଉନ୍ନତି ସାଧିତ କରିଥିଲେ । ସେ ଏକ ରାଧାଗୋବିନ୍ଦ ମନ୍ଦିର ପ୍ରତିଷ୍ଠା କରିଥିଲେ । ତାଙ୍କର ୨ ପୁତ୍ର ଗୌର ଗୋପାଳ ଓ ନଟ ଗୋପାଳ । ନଟ ଗୋପାଳଙ୍କ ଅକାଳ ମୃତ୍ୟୁରେ, ସେ 'ନଟଗୋପାଳ' ନାମରେ ଗୋଟିଏ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ଗଢିଥିଲେ ।

ମୁକୁନ୍ଦ ପ୍ରସାଦ ଜଣେ ସଂଗ୍ରାମୀ, ନିର୍ଭୀକ,ସ୍ପଷ୍ଟବାଦୀ, ଆଦର୍ଶ ଓ ସରଳ ମଣିଷ ଥିଲେ । ଏହି ନିଷ୍କପଟ ସରଳ ଉତ୍କଳ ମାତାର ବରପୁତ୍ର ୧୯୬୯ ମସିହା ନଭେମ୍ବର ମାସ ୭ ତାରିଖ ରେ ଆମଠାରୁ ଚିରଦିନ ପାଇଁ ବିଦାୟ ନେଇଥିଲେ ।

ପାରାଦ୍ୱୀପଗଡ,କୁଜଙ୍ଗ,ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫




# ଜିଆଖତ-ଜୈବିକ କୃଷିର ପ୍ରମୁଖ ଦିଗ

**ସୁବ୍ରତ କୁମାର ମହାନ୍ତି**

*ଏକବିଂଶ ଶତାବ୍ଦୀରେ ଏ ଯୁଗ ଉପନୀତ । ଯୁଗ ସହ ଯେମିତି ମଣିଷ ବଦଳୁଛି, ସେମିତି ବଦଳୁଛି ଏ ସମାଜ । ବଦଳି ମଧ୍ୟ ଯାଉଛି ଜୀବନ ଧାରଣର ପ୍ରତ୍ୟେକଟି ଧାରା । ଆଉ ଏଥିରୁ କୃଷି ବା ବାଦ୍ ଯିବ କେମିତି । ପ୍ରଥମେ ଜୈବିକ ପ୍ରଣାଳୀ ଅର୍ଥାତ ଜୈବିକ ସାର, ଜୈବିକ ଉପାୟରେ ରୋଗ ପୋକ ଦମନ ଇତ୍ୟାଦି ବ୍ୟବହାର କରୁଥିବା ମଣିଷ, କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟାକୁ ଆଖି ଆଗରେ ରଖି ଉତ୍କଟ ରସାୟନର ବ୍ୟବହାର କରେ । ଆଉ ବର୍ତ୍ତମାନ ଉକ୍ତ ଉତ୍କଟ ରସାୟନର କୁପ୍ରଭାବର ଜନସମୁଦାୟକୁ ରକ୍ଷା କରିବା ଲକ୍ଷ୍ୟରେ ପୁନଃ ଜୈବିକ ପଦ୍ଧତି ଆଡ଼କୁ ଅଗ୍ରସର ହୁଏ । ଅତଏବ୍ ଜିଆଖତ ଏକ ପ୍ରମୁଖ ଜୈବିକ ଉପାୟ ଯେଉଁଥିରେ ଜୈବ ଅବଶେଷ ବା ବାୟୋୱେଷ୍ଟର ପୁନଃ ସଦବ୍ୟବହାର ହୋଇପାରେ । ଜଣେ ସାଧାରଣ ଚାଷୀ ପାଇଁ ପରିବେଶ ପ୍ରଦୂଷଣ ତଥା ରସାୟନିକ ସାରର ବର୍ଦ୍ଧିତ ମୂଲ୍ୟ କଥା ବିଚାରକୁ ନେଲେ, ଜିଆଖତ ପ୍ରୟୋଗ ଏକ ଉତ୍ତମ ଜୈବିକ ଉପାୟ ଯାହା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ ଖର୍ଚ୍ଚ ଜୈବିକ ଅବଶେଷକୁ ପୁନଃ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥାଏ । ଆମେ ଅନେକ ଯାଗାରେ ପଢ଼ିଛେ କୃଷକର ବନ୍ଧୁ ଜିଆ । ତେଣୁ ଜିଆକୁ ପାଳନ କରି କୃଷିଜାତ ଅବଶେଷକୁ ଖାଇବାକୁ ଦେଇ ଜିଆର ମଳ ବା ପାଚନ ନହୋଇଥିବା ଅବଶିଷ୍ଟାଂଶରୁ ବ୍ୟବହାର କରି ଯେଉଁ ଖତ ପ୍ରସ୍ତୁତ କରାଯାଏ ତାକୁ ଜିଆଖତ ବୋଲି ଆଖ୍ୟା ଦିଆଯାଏ, ଏହି ଜିଆଖତରେ ଆପାତତଃ ଶତକଡ଼ା ୩ ପ୍ରତିଶତ ଯବକ୍ଷାରଯାନ, ୧ ପ୍ରତିଶତ ଫସଫରସ, ୧.୫ ପ୍ରତିଶତ ପଟାସିୟମ ରହିଥାଏ । ତତ୍‌ସହିତ ବିଭିନ୍ନ ଜୀବସାର, ରୋଗପ୍ରତିରୋଧକାରୀ ପଦାର୍ଥ ତଥା ବହୁ ଉପକାରୀ ଜୈବତ୍ୱରକ (ଏନ୍‌ଜାଇମ) ରହିଥାଏ ଯାହା କୃଷକ ଅବଶେଷର ଜୈବବିଘଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଜିଆଖତରେ ପ୍ରୟୋଗ ଫଳରେ ମାଟିର ଉର୍ବରତା ବୃଦ୍ଧିପାଏ ଏବଂ ଯବକ୍ଷାରଜାନ ବିବନ୍ଧନ କରୁଥିବା ବୀଜାଣୁ ଗୁଡ଼ିକ ଉପରେ ଏହା ସୁପ୍ରଭାବ ପକାଇଥାଏ ।*



**ପ୍ରସ୍ତୁତି ପ୍ରଣାଳୀ :**

ଜିଆଖତ ପ୍ରସ୍ତୁତିରେ କେତେଗୋଟି ଦିଗପ୍ରତି ଧ୍ୟାନ ଦେବାକୁ ପଡ଼େ ପ୍ରଥମେ ଉତ୍ତମମାନର, ଜିଆଚୟନ କରିବା ଜରୁରୀ ପରିବେଶ, ମୃତ୍ତିକାର ପ୍ରକାର, କୃଷିଜ ଅବଶେଷର ପ୍ରକାର ଇତ୍ୟାଦିକୁ ବିଚାରକୁ ନେଇ ଜିଆର ବିଭିନ୍ନ ପ୍ରଜାତି ଚୟନ କରିବାକୁ ହୁଏ । ସାଧାରଣତଃ ଆମ ଦେଶରେ ଜିଆଖତ ପ୍ରସ୍ତୁତି ପାଇଁ ଦୁଇଟି ଜିଆ ପ୍ରଜାତିକୁ ଚୟନ କରାଯାଉଛି । ସେଗୁଡ଼ିକ ହେଲା ଏଇସିନିଆ ଫୋଏଟିଡ଼ା ଏବଂ ଇଉଡ୍ରିଲସ ଇଉଜେନି, ବଡ଼ କାଠ, ପ୍ଲାଷ୍ଟିକ ବା ସିମେଣ୍ଟ କୁଣ୍ଡ (ସର୍ବାଧିକ ୧ମି ୧ମି ୦.୫ମି) ଯେଉଁଥିରେ ପ୍ରାୟ ୧୫୦୦ ଜିଆର ବ୍ୟବହାର ହୋଇପାରିବ, ତାହାକୁ ନିଆଯାଏ ଏବଂ ଘର ଭିତରେ ଜିଆଖତ ପ୍ରସ୍ତୁତି କରିବା ସବୁବେଳେ ଗ୍ରହଣୀୟ । କୁଣ୍ଡର ତଳସ୍ଥରରେ କୃଷିଜାତ ଅବଶିଷ୍ଟାଂଶ (ଜୈବବିଘଟନ ଯୋଗ୍ୟ)ର ,କ ସ୍ତର ଦିଆଯାଏ ଯାହା ୫ ସେ.ମି ଉଚ୍ଚତାର ହୋଇଥାଏ । ତା ଉପରେ ବିଘଟିତ ଗୋବରର ଏକ ୫ ସେମିର ସ୍ତର ଆଚ୍ଛାଦନ କରିବାକୁ ପଡ଼େ । ଏହିପରି ଗୋଟିଏ ପରେ ଗୋଟିଏ ସ୍ତର ଦେଲାପରେ ସର୍ବଉପର ଯଥାଯଥ ଜଳ ସିଞ୍ଚନ କରି ସଂପୂର୍ଣ୍ଣ ଆର୍ଦ୍ରତାକୁ ୩୦ ରୁ ୪୦ ପ୍ରତିଶତ ରଖାଯାଏ । ଏହା ଉପରେ ବିଘଟନକାରୀ ଜିଆକୁ ଛଡ଼ାଯାଏ ଏବଂ ଏହା ଉପରେ କିଛି ମାଟି ଘୋଡ଼ାଇ ସୂର୍ଯ୍ୟାଲୋକ ନ ପଡ଼ିବା ପାଇଁ ଅଖା ଘୋଡ଼ାଇ ଦିଆଯାଏ । ଗାଇଗୋରୁ, ଘୋଡ଼ା, ଘୁଷୁରୀ ଇତ୍ୟାଦି ମାନଙ୍କର ଶୁଖିଲା ମଳ ତଥା ଅବ୍ୟବହୃତ ପନିପରିବା ଅବଶିଷ୍ଟାଂଶ ଜିଆମାନଙ୍କର ଉତ୍ତମ ଖାଦ୍ୟ ରୂପେ କାର୍ଯ୍ୟକାରୀ । ଶୁଖିଲା ଗୋବରକୁ ସେହି ଅବସ୍ଥାରେ ଖାଦ୍ୟ ହିସାବରେ ବ୍ୟବହାର କରାଯାଇପାରେ । କିନ୍ତୁ ଉପରୋକ୍ତ ଅନ୍ୟ ଖାଦ୍ୟ ଗୁଡ଼ିକୁ ଶୁଖିଲା ଗୋବର ସାଙ୍ଗରେ ସମପରିମାଣରେ ମିଶାଇ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ । ଯେତେବେଳେ ଖତ ପ୍ରସ୍ତୁତ ହୋଇଥାଏ, ଦୈନିକ ଜଳ ସିଞ୍ଚନ ପ୍ରକ୍ରିୟାକୁ ୨-୩ ଦିନ ପାଇଁ ବନ୍ଦ ରଖାଯାଏ । ତା'ପରେ ଉକ୍ତ ଆର୍ଦ୍ର ଜିଆଖତକୁ ବାହାରେ କିଛି ସମୟ ଗଦା କରି ଶୁଖାଇ ଦିଆଯାଏ । ଖତଗଦାର ଉପରିଭାଗରୁ ଜିଆ ଗୁଡ଼ିକ ତଳକୁ ସ୍ଥାନାନ୍ତରିତ ହୋଇଗଲା ପରେ ଏହା ଉପଯୋଗୀ ହୋଇଥାଏ ।

**ପ୍ରସ୍ତୁତ ସମୟର ସତର୍କତା :**

କେବଳ ଉଦ୍ଭିଦଜାତ ଅବଶେଷ ହିଁ ଜିଆଖତର ପ୍ରାଥମିକ ପଦାର୍ଥ ରୂପେ ବ୍ୟବହାର ଯୋଗ୍ୟ । ପ୍ରାଣୀଜ ଅବଶେଷ ଯଥା ଅଣ୍ଡାଖୋଳପା, ମାଂସ, ହାଡ଼ ଇତ୍ୟାଦି ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବହାର୍ଯ୍ୟ ନୁହେଁ । ଠିଆପାଣି ବା ସ୍ୱଳ୍ପ ଆର୍ଦ୍ରତା ଜିଆ ଉପରେ ନକରାତ୍ମକ ପ୍ରଭାବ ପକାଏ । ସେଥିପାଇଁ ଆର୍ଦ୍ରତା ପରିଚାଳନା ସୂଚାରୁ ରୂପେ କରିବା ସଙ୍ଗେ ସଙ୍ଗେ ଜିଆଗୁଡ଼ିକୁ ପକ୍ଷୀ, ପିମ୍ପୁଡ଼ି, ଉଇ ଏବଂ ମୂଷା ଠାରୁ ରକ୍ଷା କରାଯିବା ଉଚିତ୍ । ଜିଆଖତକୁ ନିୟମିତ ବ୍ୟବଧାନରେ ବାହାର କରାଯିବା ମଧ୍ୟ ବିଧେୟ ।



**ଜିଆଖତର ପ୍ରୟୋଗ :**

କ୍ଷେତ୍ର ଫସଲ ବା ଶସ୍ୟ, ଡାଲି ଏବଂ ଅନ୍ୟାନ୍ୟ ଫସଲରେ ହେକ୍ଟର ପିଛା ୨-୩ ଟନ୍ ଜିଆଖତ ବ୍ୟବହାର କରାଯାଏ । ମି ବୁଣିବା ସମୟରେ ବା ଚାରା ୧୫ ସେ.ମି. ଉଚ୍ଚତା ହେବା ପରେ ଧାଡ଼ିରେ ଏହାର ପ୍ରୟୋଗ ଲାଭ ଦାୟକ ହୋଇଥାଏ । ଫଳଗଛ ଗୁଡ଼ିକରେ ଗଛର ବୟସକୁ ଦୃଷ୍ଟିରେ ରଖି ୫ଗରୁ ପିଛା ୫-୧୦ କି.ଗ୍ରା ଜିଆଖତ ଗଛ ଚାରିପାଖରେ ଏକ ରିଙ୍ଗ ବା ବେସନ୍ କରି ଗୋବରଖତ ସାଙ୍ଗରେ ମିଶାଇ ପ୍ରୟୋଗ ବିଧେୟ । ସେହିପରି ପନିପରିବା ଫସଲର ନର୍ସରୀରେ ହେକ୍ଟର ପିଛା ୧ ଟନ୍ ଜିଆଖତ ଓ ଚାରା ଲଗାଇବାର ୪୫ ଦିନ ପରେ ଜଳସେଚନ ପୂର୍ବରୁ ଗଛ ପିଛା ୫୦୦ ଗ୍ରା. ଜିଆଖତ ପ୍ରୟୋଗ ଅତ୍ୟନ୍ତ ଲାଭପ୍ରଦ ଫୁଲଗଛ ଚାଷ ବେଳେ ହେକ୍ଟର ପିଛା ୭୫୦ କି.ଗ୍ରା ଜିଆଖତ ପ୍ରୟୋଗ କରିବା ଜରୁରୀ ।

ତେଣୁ ଚାଷୀଭାଇମାନେ କୃଷି ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ଏହାର ପ୍ରୟୋଗ କଲେ ସୁଫଳ ପାଇପାରିବେ ।



ସହକାରୀ ପ୍ରାଧ୍ୟାପକ,
ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକ

# କୃଷି ଓ କୃଷକ - ଏକ ମାର୍ମିକ ଉଚ୍ଚାରଣ



**ବିଜ୍ଞାନ ରଂଜନ ସାହୁ**

ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।



ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।



କୃଷକ ପାଠ୍ୟକ୍ରମ :

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

କୃଷି ସ୍ନାତକୋତ୍ତର , ଓୟୁଏଟି

# ଟିଲାପିଆ - ମାଛ ଚାଷରେ ଏକ ନୂଆ ସମ୍ଭାବନା



**ବିଜ୍ଞାନ ମିହିର ରାଉତ**

ଟିଲାପିଆ ମାଛକୁ କେତେକ ଗରିବଙ୍କ ମାଛ ବୋଲି କହନ୍ତି । ଏହାର ମୂଳ ବାସସ୍ଥାନ ଆଫ୍ରିକା । ଆଫ୍ରିକା ମହାଦେଶ ବାହାରେ ସର୍ବପ୍ରଥମେ ଏହାର ଏକ ପ୍ରଜାତି ମୋଜାମ୍ବିକ ଟିଲାପିଆ ଚାଷ ଆରମ୍ଭ ହୋଇଥିଲା । କିନ୍ତୁ ଏହା କ୍ଷୁଦ୍ର, କମ୍ ଚାହିଦା ଓ କେତେକ ଅନାଦୃତ କାରଣ ବଶତ ଏହାର ଚାଷ ସଫଳ ହୋଇପାରିନଥିଲା । ପରେ ବିଂଶ ଶତାବ୍ଦୀରେ ଏକ ଉନ୍ନତ ପ୍ରଜାତିର ଟିଲାପିଆକୁ ଚାଷ କରାଯାଇ ଅଭୁତପୂର୍ବ ସଫଳତା ହାସଲ କରାଯାଇଥିଲା । ଏହାକୁ ବିଂଶ ଶତାବ୍ଦୀର ମୁଖ୍ୟ ଜଳଜୀବ ଭାବେ ଗଣା ଯାଉଛି । ଏହି ମାଛ ଅତ୍ୟନ୍ତ ସହନଶୀଳ ଓ ରୋଗପ୍ରତିରୋଧକ୍ଷମ ହୋଇଥାଏ । ଏହାଛଡ଼ା ୪-୬ ମାସ ଭିତରେ ବିକ୍ରିଯୋଗ୍ୟ ହୋଇଥାଏ । ଏହି ମାଛକୁ ବର୍ତ୍ତମାନ ବ୍ୟବସାୟିକ ଉଦ୍ଦେଶ୍ୟରେ ଚାଷ କରାଯାଉଛି ।

ଟିଲାପିଆର ପ୍ରାୟ ୨୦ଟିପ୍ରଜାତି ମଧ୍ୟରୁ ଅଧିକାଂଶ ଆଫ୍ରିକା ପଶ୍ଚିମପାର୍ଶ୍ୱରେ ଥିବା ନଦୀମାନଙ୍କରେ ମିଳିଥାଏ । ଏଥିରୁ ମୁଖ୍ୟତ ୯ପ୍ରକାରର ପ୍ରଜାତି ଉପଯୁକ୍ତ ମନେ ହୁଏ । ନୀଳନଦୀ ଟିଲାପିଆ ସାରା ବିଶ୍ୱରେ ମୁଖ୍ୟ ଚାଷ ଉପଯୋଗୀ ଟିଲାପିଆ ଭାବେ ଗଣା ହୋଇଥାଏ । ନୀଳ ଟିଲାପିଆ ଶଙ୍କର ଜାତୀୟ ଟିଲାପିଆ ଉତ୍ପନ୍ନ କରିବାରେ ବ୍ୟବହାର କରାଯାଇଥାଏ । ଏହା ସମୁଦାୟ ବିଶ୍ୱର ଟିଲାପିଆ ଉତ୍ପାଦନର ପ୍ରାୟ ଶତକଡ଼ା ୮୦ଭାଗ ହୋଇଥାଏ । ଏଥିପାଇଁ ସାଧାରଣତଃ ଥଣ୍ଡା ଜଳବାୟୁ ଥିବା ପରିବେଶ ଆବଶ୍ୟକ । ମୋଜାମ୍ବିଆ ଟିଲାପିଆ ନୀଳନଦୀ ଟିଲାପିଆର ପ୍ରଜାତି ଅଟେ । ଲାଲ୍ ଟିଲାପିଆ - ଏହା ପ୍ରଥମେ ତାଇୱାନରେ ଉତ୍ପାଦିତ ହୋଇଥିଲା । ଏହା ବର୍ତ୍ତମାନ ସାରା ବିଶ୍ୱରେ ଆଦୃତ ହୋଇପାରିଛି ।

ଉତ୍ପାଦନ- ଟିଲାପିଆ ଉତ୍ପାଦନରେ ମୁଖ୍ୟତ ୧୦ଟି ଦେଶ ଆଗରେ ଅଛନ୍ତି । ତନ୍ମଧ୍ୟରୁ ଏସିଆ ମହାଦେଶରେ ଚୀନ୍ ହେଉଛି ମୁଖ୍ୟ ଟିଲାପିଆ ଉତ୍ପାଦନ କାରୀ ରାଷ୍ଟ୍ର । ବିଶ୍ୱର ଅର୍ଦ୍ଧାଧିକ ଟିଲାପିଆ ଚୀନ୍ ଆସିଥାଏ । ସମୁଦାୟ ଉତ୍ପାଦନର ପ୍ରାୟ ୮୫ ଶତକଡ଼ା ମଧୁର ପାଣିରୁ ଆସିଥାଏ । ଏହାକୁ ଉଭୟ ମଧୁର ଓ କ୍ଷାର ପାଣିରେ ଚାଷ କରାଯାଇପାରେ । ଭେକଟି ମାଛ ଚାଷରେ ଏହାକୁ ମୁଖ୍ୟ ଖାଦ୍ୟଭାବେ ବ୍ୟବହାର କରାଯାଇଥାଏ । ବିଭିନ୍ନ ଚାଷ ପଦ୍ଧତି- ପିରା ଚାଷ- ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଟିଲାପିଆ



ଚାଷ କରିବାରେ ଫିଲିପାଇନ୍ସ ଅଗ୍ରଣୀ । ପିରା ଚାଷ ମାଧ୍ୟମରେ ୫ ମାସରେ ୧୦୦ ବର୍ଗମିଟରରେ ୧୭୫ ଗ୍ରାମ ହାରାହାରି ଓଜନର ୫୪୦ କିଗ୍ରା ନୀଳନଦୀ ଟିଲାପିଆ ଉତ୍ପାନନ ହୋଇପାରିଥାଏ । ସେହିପରି ଚୀନ୍, ମାଲେସିଆ ଓ ତିଂଗାପୁରରେ ଅଧିକାଂଶ ଚାଷୀ ଲାଲ୍ ଟିଲାପ୍ରିାକୁ କେନାଲ ବନ୍ଧ ଓ ଜଳଭଣ୍ଡାରରେ ପିଞ୍ଜରା ମଧ୍ୟରେ ସଗନ ଓ ଅର୍ଦ୍ଧସଘନ ଚାଷକଲା ବେଳେ ମଧ୍ୟ ବ୍ୟବହୃତ ହୋଇଥାଏ ।

ପୋଖରୀ ଚାଷ- ଫିଲିଫାଇନ୍ସରେ ଟିଲାପିଆକୁ ଏକୁଲି ଚାଷ ଏବଂ ବାଂଲାଦେଶ, ଚୀନ ଆଦି ରାଷ୍ଟ୍ରରେ ମଶ୍ରିତ ଚାଷ ଭାବେ ବ୍ୟବହାର କରାଯାଇଥାଏ । ଉତ୍ପାଦନ କ୍ଷେତ୍ରରେ ତାଇୱାନ ହେକ୍ଟର ପିଛା ହାରାହାରି ସର୍ବାଧିକ ୧୫-୨୦ ଟନ୍ ହେଉଥିବା ବେଳେ ଚୀନ୍,ଥାଇଲାଣ୍ଡ ଏହା ପଛକୁ ଅଛନ୍ତି । ଫିଲିପାଇନ୍ସରେ ୩-୪ ମାସ ଭିତରେ ୮୦-୯୦ ଶତକଡ଼ା ୧୫୦-୨୦୦ ଗ୍ରାମ ଓଜନର ୪-୭ ଟନ ଟିଲାପିଆ ଉତ୍ପନ୍ନ ହୋଇପାରିବ ।

ସେହିପରି ଦକ୍ଷିଣପୂର୍ବ ଏସିଆରେ ଇଣ୍ଡୋନେସିଆ, ଥାଇଲାଣ୍ଡ, ଭିଏତନାମ ଆଦି ଦେଶରେ ଟିଲାପିଆକୁ ମିଶ୍ରିତ ଚାଷ ଭାବରେ ମଧୁର ପାଣିରେ କୃଷି ଓ ପଶୁପାଳନ ସହ ସମ୍ମୋହିତ ଭାବେ ଚାଷ କରାଯାଇଥାଏ । ନୀଳନଦୀ ଟିଲାପିଆ ଚାଷକୁ ମୁଖ୍ୟତଃ ମଧୁର ପାଣିରେ କରାଯାଇଥାଏ । ଏହାକୁ ତାଇୱାନ, ମାଲେସିଆର କଂକ୍ରିଟ୍ ପୋଖରୀରେ ସଘନ ଚାଷ କରାଯାଇଥାଏ ।

ଏକଲିଙ୍ଗ ଚାଷ- ଟିଲାପିଆ ସାଧାରଣତଃ ୪-୬ ମାସ ବୟସ ମଧ୍ୟରେ ଉତ୍ପାଦନ କାରଯାଇଥାଏ । ଯାହା ଫଳରେ ପୋଖରୀରେ ବହୁଳ ପରିମାଣରେ ବାମନ ଆକୃତି ବିଶିଷ୍ଟ ଟିଲାପିଆ ମାଛ ମିଳିଥାଏ । ସୁତରାଂ ଏହାର ପ୍ରଜନନକୁ ନିୟନ୍ତ୍ରଣ କରିବା ଆବଶ୍ୟକ ହୋଇଥାଏ । ଅଧିକାଂଶ ଚାଷୀ ଏକଲିଙ୍ଗ ଚାଷକୁ ଗୁରୁତ୍ୱ ଦେଇଥାନ୍ତି । ସମୁଦାୟ ଚାଷ ଖର୍ଚ୍ଚର ପ୍ରାୟ ୩୪% କେବଳ ଖାଦ୍ୟ ଦ୍ୱାରା ହୋଇଥାଏ । ପିରା ଚାଷରେ ଖାଦ୍ୟର ବହୁଳ ବ୍ୟବହାର ହେତୁ ଏଥିରେ ଖାଦ୍ୟ ଖର୍ଚ୍ଚ ପ୍ରାୟ ୮୫% ହୋଇଥାଏ । କହିବାକୁ ଗଲେ ଟିଲାପିଆ ଚାଷ ଲାଭଦାୟକ ଅଟେ । ଏହି ଦୃଷ୍ଟିରୁ ଏସିଆ ଓ ଆମେରିକାର ବହୁ ରାଷ୍ଟ୍ର ଏବେ ଟିଲାପିଆ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି ।

ମତ୍ସ୍ୟ ଛାତ୍ର,
ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

# ବିଶ୍ୱ ମୃତ୍ତିକା ଦିବସ ଅବସରରେ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ

ଶ୍ୟାମଳ ସୁବର୍ଣ୍ଣ ଓଡ଼ିଶାର ଏକ ଅଗ୍ରଣୀ କୃଷି ଭିତ୍ତିକ ପତ୍ରିକା ଭାବରେ କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟରତ । କୃଷିର ବି୍ାଶ, କୃଷକର ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି ବିଗତ ୨୦୧୮ ଏପ୍ରିଲରୁ କୃଷି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରକାଶିତ ଏହି ପତ୍ରିକା ନିରନ୍ତର ଭାବେ ପ୍ରକାଶ ପାଇ ଚାଷୀକୁଳ ପାଖରେ ବେଶ ସ୍ନେହ , ଶ୍ରଦ୍ଧା ସାଉଁଟିପାରିଛି । ଶ୍ୟାମଳ ସୁବର୍ଣ୍ଣ ସବୁବେଳେ କୃଷିର ବିକାଶ ସହ କୃଷକର ବିକାଶ ଉପରେ ଗୁରୁତ୍ୱ ଦେଇଥାଏ । ତେବେ ଆଗାମୀ ଡ଼ିସେମ୍ବର ୫ ତାରିଖ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଶ୍ୟାମଳ ସୁବର୍ଣ୍ଣ ତରଫରୁ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯାଉଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଟି ଓ ଏହାର ଉପାଦେୟତା ବିଷୟରେ ସଚେତନତା ସୃଷ୍ଟି କରାଯିବା ହିଁ ଏହାର ମୂଳ ଲକ୍ଷ୍ୟ । କୃଷି ବିଜ୍ଞାନୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ମାଟି ସହ ଜନଜୀବନର ବିଶେଷତା ଉପରେ ସଚେତନତା କରାଇବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ ବୋଲି ପତ୍ରିକାର ସମ୍ପାଦକ ଡ଼ି ଶୁଭମ୍ କହିଛନ୍ତି । ଏହି ପ୍ରବନ୍ଧର ବିଷୟ ବସ୍ତୁ ରହିଛି : ମାଟି -ଚାଷର ଏନ୍ତୁଡ଼ିଶାଳ ଓ ଇଂରାଜୀ ବିଭାଗ ପାଇଁ ବିଷୟ- soil-the life giver of all existence । ଛାତ୍ରଛାତ୍ରୀ ମାନେ ଉଭୟ ଓଡ଼ିଆ ଓ ଇଂରାଜୀରେ ପ୍ରବନ୍ଧ ଲେଖି ୬୦୦-୭୦୦ ଶବ୍ଦ ମଧ୍ୟରେ ୩୦.୧୧.୨୦୨୧ ମଧ୍ୟରେ ପଠାଇବାକୁ ନିବେଦନ କରାଯାଇଛି । ପଠାଇବାର ଠିକଣା - ଇମେଲ- dshuvam97@gmail.com ଓ ଡ଼ାକ ମାଧ୍ୟମରେ - ମାର୍ଫତ- ସମ୍ପାଦକ,ଶ୍ୟାମଳ ସୁବର୍ଣ୍ଣ , ଷ୍ଟେଟ୍ ବ୍ୟାଙ୍କ ପାଖ , ବାସୁଦେବପୁର , ଭଦ୍ରକ ଠିକଣାରେ ପଠାଇପାରିବେ । ପ୍ରତିଯୋଗିତାର ଫଳାଫଳ ଆସନ୍ତା ଡ଼ିସେମ୍ବର ୫ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଘୋଷଣା କରାଯିବା ସହ ଶ୍ରେଷ୍ଠ ତିନିଜଣଙ୍କୁ ମାନପତ୍ର ଦିଆଯିବ ବୋଲି ସମ୍ପାଦକ କହିଛନ୍ତି ।




# ଭୁବନେଶ୍ୱରରେ ଓଡିଶା ଡିଜିଟାଲ ମିଡିଆ ଆସୋସିଏସନର ରାଜ୍ୟକାର୍ଯ୍ୟକାରିଣୀ ବୈଠକରେ ଯୋଗଦେଲେ ବିଭିନ୍ନ ଜିଲ୍ଲାରୁ ସଦସ୍ୟ




ଭୁବନେଶ୍ୱର,(ପି.ଏନ) : ଓଡିଶା ଡିଜିଟାଲ ମିଡିଆ ଆସୋସିଏସନର ରାଜ୍ୟକାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱର ରାଜ୍ୟକାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସଭାପତି ତୁଷାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ନିହାର ରଂଜନପଣ୍ଡା, ଉପସଭାପତି ସୁନୀଲ ଦେ ଯୋଗଦେଇ ରାଜ୍ୟ କାର୍ଯ୍ୟକାରିଣୀର ବିଭିନ୍ନ ଦିଗ ଓ ଆଗାମୀକାର୍ଯ୍ୟ ପନ୍ଥା ଉପରେ ଆଲୋଚ଼ନା କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସ ଭ୍ୟ ସଂଗ୍ରହ ଉପରେ ଜୋର ଦିଅ। ଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜିଲ୍ଲାସଭାପତି ସୁକାନ୍ତ କୁମାର ମହାନ୍ତି, ଶୁଭେନ୍ଦୁ କାନୁନ୍‌ଗୋ ଫଟୋ ସମ୍ପାଦିକ, ସାଧାରଣ ସମ୍ପାଦକ ସୁନାକର ଦାସ, ଉପସଭାପତି ମନୋଜ ବେହେରା, କଳାହାଣ୍ଡି ଜିଲ୍ଲାରୁ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ରଘୁ ମଣି ପୁଜାରୀ, ଯଶବନ୍ତ ପୁଜାରୀ, ପତଓ୍ୱନ୍ତ ସିଂହ, କ୍ଷେତ୍ରମୋହନ ରାଉତ ପ୍ରମୁଖଯୋଗ ଦେଇ ଆଗାମୀ ବାର୍ଷିକ ସମ୍ମିଳନୀ ଅନୁଷ୍ଠାନ ହେବା ନେଇ ନିଜର ମତାମତ ଦେଇଥିଲେ। ସର୍ବସମ୍ମତିକ୍ରମେ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କୁ କଳାହାଣ୍ଡି ଜିଲ୍ଲା ସଭାପତି ପାଇଁ ମନୋନୀତ କରାଯାଇଥିଲା। ବୈଠକରେ ବିଭିନ୍ନ ଜିଲ୍ଲାରୁ ୫୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇଥିଲେ।

# ଆଦିତ୍ୟ ବିର୍ଲା ସ୍କିଲସ୍ ସେଣ୍ଟର: ସମ୍ବଲପୁରରେ ଦୀର୍ଘସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରୁଛି

ଭୁବନେଶ୍ୱର,(ପି.ଏନ):ହିଣ୍ଡାଲ୍‌କୋ ଦ୍ୱାରା ୨୦୨୦ରେ ହୀରାକୁଦରେ ଆରମ୍ଭ କରାଯାଇଥିବା ଆଦିତ୍ୟ ବିର୍ଲା ସ୍କିଲ୍‌ସ୍ ସେଣ୍ଟର (ଏବିଏସ୍‌ସି) ଉଲ୍ଲେଖନୀୟ କାର୍ଯ୍ୟ କରୁଛି। ଏହି ପ୍ରତିଷ୍ଠାନ ଓଡ଼ିଶାର ସମ୍ବଲପୁର ଜିଲ୍ଲାରେ ୪୦୦ରୁ ଅଧିକ ଯୁବବର୍ଗଙ୍କୁ ତାଲିମ ପ୍ରଦାନ କରିଛି ଏବଂ ସେମାନଙ୍କ ମଧ୍ୟରୁ ପ୍ରାୟ ୬୦%ଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତାର ସହିତ ଅବସ୍ଥାପିତ କରିଛି। ପୋର୍ଟାଲ ଜରିଆରେ ଉତ୍ତୀର୍ଣ୍ଣ ହୋଇଥିବା ଅଥବା ଏବିଏସ୍‌ସି ପକ୍ଷରୁ ଯୋଗାଇ ଦିଆଯାଉଥିବା ତାଲିମ କାର୍ଯ୍ୟକ୍ରମରେ ତାଲିମ ନେଇଥିବା ଅଧିକାଂଶ ଛାତ୍ରଛାତ୍ରୀ ଅନୁଭବ କରୁଛନ୍ତି ଯେ ଏହି ଧନ୍ଦାମୂଳକ ତାଲିମ ସେମାନଙ୍କ ଜୀବନକୁ ରୂପାନ୍ତରଣକାରୀ ଢଙ୍ଗରେ ପ୍ରଭାବିତ କରିଛି ଏବଂ ସେମାନଙ୍କୁ ସ୍ୱାବଲମ୍ବୀ ହେବା ନିମନ୍ତେ ସମର୍ଥ କରାଇଛି। ତାଲିମପ୍ରାପ୍ତ ଲୋକଶକ୍ତି ରହିଥିବା ଏହି ଅତ୍ୟାଧୁନିକ ସ୍କିଲ୍‌ସ୍ ସେଣ୍ଟର ହୀରାକୁଦ କ୍ଲଷ୍ଟର ହେଡ୍ ଶ୍ରୀ କୈଳାଶ ପାଣ୍ଡେଙ୍କ ମାର୍ଗଦର୍ଶନରେ ପରିଚାଳିତ ହେଉଛି। ତାଙ୍କ ମତରେ, ‟ଏହି ଅଞ୍ଚଳରେ ଏହା ଏକ ବହୁ ଆକାଂକ୍ଷିତ କାର୍ଯ୍ୟକଳାପ ହୋଇଛି। ଯୁବବର୍ଗଙ୍କ ମଧ୍ୟରେ ଥିବା ସାମର୍ଥ୍ୟ ସମ୍ମୁଖକୁ ଆଣିବା ଏବଂ ଓଡ଼ିଶାର ଅଗ୍ରସରତା ଲକ୍ଷ୍ୟ କରିବା କ୍ଷେତ୍ରରେ ଏହା ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଛି। ଏଥିସହିତ ଯୁବବର୍ଗଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୁନିଶ୍ଚିତ କରିବାକୁ ସରକାର ସମସ୍ତ ପ୍ରୟାସ କରୁଛନ୍ତି। ଏହି ପ୍ରତିଷ୍ଠାନ ୧୮ରୁ ୨୮ ବର୍ଷ ବୟସ ବର୍ଗର ଯୁବଗୋଷ୍ଠୀଙ୍କ ପାଇଁ ବିବିଧ କୁଶଳତା ଜ୍ଞାନ ଆହରଣ ଭିତ୍ତିକ ସ୍ୱଳ୍ପ ଅବଧି ଧନ୍ଦାମୂଳକ ତାଲିମ ଯୋଗାଇ ଦେଉଛି। ଏଥିରେ ପ୍ରବେଶ ନିମନ୍ତେ ସର୍ବନିମ୍ନ ଯୋଗ୍ୟତା ଦଶମ ଶ୍ରେଣୀ ପାସ୍ ରଖାଯାଇଛି। ସମ୍ପ୍ରତି ଏଠାରେ ଯୋଗାଇ ଦିଆଯାଉଥିବା ତାଲିମ ପାଠ୍ୟକ୍ରମ ମଧ୍ୟରେ ଅଫିସ ଆସିଷ୍ଟାଣ୍ଟ, ଡାଟା ଏଣ୍ଟ୍ରି ଅପରେଟର (ଓଏଡି), ଆକାଉଣ୍ଟସ୍ ଆସିଷ୍ଟାଣ୍ଟ (ଏଏଟି) ଏବଂ ରିଟେଲ ସେଲସ୍ ଆସୋସିଏଟ୍ (ଆର୍‌ଏସ୍‌ଏ) ଆଦି ରହିଛି। ତାଲିମ ପାଠ୍ୟକ୍ରମର ଅବଧି ୫୦ରୁ ୮୦ ଦିନ ପର୍ଯ୍ୟନ୍ତ ରଖାଯାଇଛି। ନିର୍ଦ୍ଦିଷ୍ଟ କ୍ଷେତ୍ରର କୁଶଳତା ସହିତ ଏବିଏସ୍‌ସି ଛାତ୍ରଛାତ୍ରୀ ବ୍ୟକ୍ତିତ୍ୱ ବିକାଶ, ଇଂରାଜୀ ଭାଷା, ଯୋଗାଯୋଗ, ଆର୍ଥିକ ସାକ୍ଷରତା, ନବୋନ୍ମେଷୀ ଚିନ୍ତନ ଏବଂ ଔଦ୍ୟୋଗିକତାର ତାଲିମ ହାସଲ କରୁଛନ୍ତି। ଏହା ସେମାନଙ୍କୁ ଜଣେ ଜଣେ ପରିପୂର୍ଣ୍ଣ ବ୍ୟକ୍ତି ଭାବରେ ଗଢିତୋଳିବ, ଯିଏ ବୃତ୍ତିଗତ ଏବଂ ଉତ୍ତମ ସାମାଜିକ କୁଶଳତା ପ୍ରଦର୍ଶନ କରିବେ। ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଏହି ପ୍ରୟାସକୁ ପ୍ରଶଂସା କରି ସମ୍ବଲପୁର ଜିଲ୍ଲା କର୍ମନିଯୋଜନ ସଂସ୍ଥାର ନିର୍ଦ୍ଦେଶକ ଶ୍ରୀ ଏସ.ସି.ମୁର୍ମୁ କହିଛନ୍ତି ଯେ, ସମ୍ବଲପୁର ଜିଲ୍ଲାର ଯୁବବର୍ଗଙ୍କୁ କୁଶଳତାର ତାଲିମ ଏବଂ କ୍ୟାରିୟର ପରାମର୍ଶ ପ୍ରଦାନ କ୍ଷେତ୍ରରେ ଏବିଏସ୍‌ସି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ସେମାନଙ୍କୁ ଜୀବିକା ଉପାର୍ଜନ ସୁଯୋଗ ସନ୍ଧାନ ନିମନ୍ତେ ଅନ୍ୟ ଅଞ୍ଚଳକୁ ସ୍ଥାନାନ୍ତର ହେବାକୁ ନଦେଇ ସେମାନଙ୍କ ନିଜ ଜିଲ୍ଲାରେ ନିଯୁକ୍ତି ପ୍ରଦାନ ସହିତ ବସବାସ କରିବାରେ ସହାୟତା କରୁଛି। ‟ନିଯୁକ୍ତି ସନ୍ଧାନ କରୁଥିବା ଯୁବବର୍ଗ, ବିଶେଷକରି ଯେଉଁମାନଙ୍କର କୌଣସି ବୈଷୟିକ ଶିକ୍ଷାଗତ ଯୋଗ୍ୟତା ନାହିଁ, ସେମାନେ ନିଶ୍ଚିତ ଭାବରେ ଏବିଏସ୍‌ସି ଯାଇ ସେଠାରେ ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯାଉଥିବା ଯେକୌଣସି ପାଠ୍ୟକ୍ରମରେ ନାମ ଲେଖାଇବା ପ୍ରୟାସ କରନ୍ତୁ ବୋଲି ମୁଁ ଦୃଢ ଭାବରେ ପରାମର୍ଶ ଦେଉଛି। ଏବିଏସ୍‌ସି ନିଶ୍ଚିତ ଭାବରେ ସେମାନଙ୍କୁ ପୂର୍ଣ୍ଣାଙ୍ଗ ତାଲିମ ଆଭିମୁଖ୍ୟ ଏବଂ ବଜାର ସଂଯୁକ୍ତ ତଥା ଶିଳ୍ପ ଅନୁମୋଦିତ ପାଠ୍ୟକ୍ରମଗୁଡିକ ଜରିଆରେ ସେମାନଙ୍କୁ ଏକ ମଜଭୁତ କ୍ୟାରିୟର ଗଠନ ଦିଗରେ ସହାୟତା କରିବ,‟ ବୋଲି ଶ୍ରୀ ମୁର୍ମୁ କହିଥିଲେ। ‟ଏବିଏସ୍‌ସି ଯୋଗୁ ମୁଁ ମୋର ନିଯୁକ୍ତିଦକ୍ଷ କୁଶଳତାରେ ବିକାଶ ଘଟାଇପାରିଛି, ଏବଂ ଆଜି ମୁଁ ମହିନ୍ଦ୍ରା ମୋଟର୍ସରେ ଜଣେ ଏରିଆ ମ୍ୟାନେଜର ଭାବରେ ସଫଳତାର ସହିତ କାର୍ଯ୍ୟ କରୁଛି,‟ ବୋଲି ହୀରାକୁଦର ଜମାଦାରପାଲିର ଅଧିବାସୀ ନଳିନୀ ମିର୍ଦ୍ଧା ଉତ୍ଫୁଲିତ ଭାବରେ କହିବା ସହିତ ତାଙ୍କର ବୃତ୍ତିଗତ କ୍ୟାରିୟରରେ ଉତ୍କର୍ଷ ହାସଲ କରିବା ନିମନ୍ତେ ଏକ ମଞ୍ଚ ଯୋଗାଇ ଦେଇଥିବାରୁ ଏବିଏସ୍‌ସି ଟିମ୍‌ର ତାଲିମ ପ୍ରଦାନକାରୀଙ୍କୁ ନିଜର କୃତଜ୍ଞତା ଜଣାଇଥିଲେ। ହୀରାକୁଦର ଅଙ୍କିତ ସୁନା କହିଛନ୍ତି, ‟ମୁଁ ଆଦିତ୍ୟ ବିର୍ଲା ସ୍କିଲ୍‌ସ୍ ସେଣ୍ଟରରେ ଯୋଗଦେବା ପୂର୍ବ ପର୍ଯ୍ୟନ୍ତ କିଭଳି ଜୀବନ ନିର୍ବାହ କରିବି ଏବଂ ମୋ ଅସୁସ୍ଥ ମା'ଙ୍କର ଯତ୍ନନେବି ତାହାର କିଛି ଥଳକୂଳ ପାଉନଥିଲି। ଏହା କେବଳ ମୋର କୁଶଳତା ବିକାଶରେ ସହାୟତା କରିନାହିଁ, ବରଂ ମୋତେ ଜଣେ ଅଧିକ ଆତ୍ମବିଶ୍ୱାସୀ ବ୍ୟକ୍ତି ଭାବରେ ରୂପାନ୍ତରିତ କରିଛି।‟ ଏକ ଦାୟିତ୍ୱସମ୍ପନ୍ନ କର୍ପୋରେଟ ସଂସ୍ଥା ଭାବରେ ଏବଂ ସମାଜକୁ ପ୍ରତିଦାନ ଦେବାର ନିରନ୍ତର ପ୍ରେରଣାରେ ପରିଚାଳିତ ହୋଇ ଆଦିତ୍ୟ ବିର୍ଲା ଗ୍ରୁପ୍ ଓଡ଼ିଶାରେ ୫ ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିବା ସହିତ ୧୨୮ଟି ଗ୍ରାମରେ ୨ ଲକ୍ଷରୁ ଅଧିକ ଜୀବନକୁ ସ୍ପର୍ଶ କରୁଛି। ଗ୍ରୁପ୍‌ର ସିଏସ୍‌ଆର କାର୍ଯ୍ୟକ୍ରମ ଶ୍ରୀମତୀ ରାଜଶ୍ରୀ ବିର୍ଲାଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଆଦିତ୍ୟ ବିର୍ଲା ସେଣ୍ଟର ଫର୍ କମ୍ୟୁନିଟି ଇନିସିଏଟିଭ୍ ଆଣ୍ଡ ରୁରାଲ ଡେଭଲପମେଣ୍ଟ ଅଧୀନରେ କାର୍ଯ୍ୟକାରୀ ହେଉଛି। ଆମ ପରିଚାଳନା କରୁଥିବା ଅଞ୍ଚଳର ଜନସାଧାରଣଙ୍କ ସାମାଜିକ ଏବଂ ଅର୍ଥନୈତିକ ବିକାଶ କ୍ଷେତ୍ରରେ ସକ୍ରିୟ ଅବଦାନ ରଖିବା ଗ୍ରୁପ୍‌ର ଲକ୍ଷ୍ୟ ହୋଇଛି। ଏଭଳି କରିବା ଦ୍ୱାରା ସମାଜର ଦୁର୍ବଳ ବର୍ଗଙ୍କ ନିମନ୍ତେ ଏକ ଉତ୍ତମ ଏବଂ ଦୀର୍ଘସ୍ଥାୟୀ ଜୀବନ ନିର୍ମାଣ କରୁଛି ଏବଂ ରାଷ୍ଟ୍ରର ବିକାଶ ସୂଚୀରେ ବୃଦ୍ଧି ଘଟାଉଛି। ଗ୍ରୁପ୍‌ର ସିଏସ୍‌ଆର୍ ଲକ୍ଷ୍ୟ ଦାରିଦ୍ର୍ୟ ଦୂରୀକରଣ ଏବଂ କ୍ଷୁଧାରୁ ମୁକ୍ତି ସୁନିଶ୍ଚିତ କରିବା ନିମନ୍ତେ ୟୁଏନ୍‌ଏସ୍‌ଡିଜି ଲକ୍ଷ୍ୟସମୂହ ମୁତାବକ ହୋଇଛି।

# କାନ୍ଦୁଛି ମା କାନ୍ଦୁଛି ଗାଁ, ରକ୍ତ କର୍କଟ ପୀଡିତ ସାଙ୍ଗ ପାଇଁ ଭିକ୍ଷା ଥାଳ ଧରିଲେ ସାଙ୍ଗ ସାଥି ଏବଂ ଗ୍ରାମବାସୀ

କାକଟପୁର,(ପି.ଏନ): କଥା ରେ ଅଛି ଦଇବ ଦଉଡି ମଣିଷ ଗାଈ ଯେଣିକି ଟାଣଇ ତେଣିକି ଯାଇ, ଦଇବ ଯେତେବେଳେ ଦାଉ ସାଜିବ ଉଦ୍ଧାର କରିବ କିଏ, ଗୋଟେ ପୁଅକୁ ତାର ବାପା ମାଆ କେତେ କଷ୍ଟ ସହି ଛୋଟ ରୁ ବାରବର୍ଷ ପର୍ଯ୍ୟନ୍ତ କରିବା ପରେ ଯେତେବେଳେ ଜାଣିବେ ତାଙ୍କର ସେଇ ଅଲିଅଳୀ ପୁଅକୁ ରକ୍ତ କର୍କଟ ହୋଇଛି ଏବଂ ତାର ଚ଼ିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଦରକାର ସେହି ସମୟ ରେ ସେ ବାପା ମାଆ, ପରିବାର ଙ୍କ ଅବସ୍ଥା କଣ ନହେଉଥିବ । ସେହିଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି କାକଟପୁର ବ୍ଲକ ଦହିଖିଆ ଗ୍ରାମ ରେ,ସେହି ଗ୍ରାମର ଅତ୍ୟନ୍ତ ଗରିବ ଦିନ ମଜୁରିଆ ହେଉଛନ୍ତି ସମ୍ପଦ ସେଠି, ତାଙ୍କର ଏକମାତ୍ର ବାରବର୍ଷ ର ପୁଅ ସୋନୁ ସେଠି ଯିଏ କି ବର୍ତ୍ତମାନ ରକ୍ତ କର୍କଟ ରୋଗରେ ପୀଡିତ ହୋଇ ଭୁବନେଶ୍ୱର ର ସମ୍ ହସ୍ପିଟାଲରେ ଚ଼ିକିତ୍ସିତ , ପନ୍ଦର ଦିନ ଧରି ତାର ବାପା ମା ଘର ଜିନିଷ ବନ୍ଧା ପକାଇ ଧାରକରଜ କରି



ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ମେଡିକାଲରେ ସୋନୁଙ୍କ ଚ଼ିକିତ୍ସା କରୁଛନ୍ତି, କିନ୍ତୁ ସେ ଯୋଗାଡ଼ କରିଥିବା ଟଙ୍କା ସମୁଦ୍ର କୁ ଶଙ୍ଖ ?, ଡାକ୍ତରଙ୍କ କହିବା ଅନୁଯାୟୀ ଏହି କୁନି ପୁଅ ର ଚ଼ିକିତ୍ସା ପାଇଁ ଆବଶ୍ୟକ ପଚ଼ାଶଲକ୍ଷ୍ୟ ଟଙ୍କା, ଯାହା ଏକ ବୋଝଉପରେ ଲଳିତା ବିଡା ସାଜିଛି ଦିନମଜୁରିଆ ସମ୍ପଦ ପାଇଁ ଏତେ ଟଙ୍କା କେଉଁଠୁ ଆଣିବେ ପୁଅର ଚ଼ିକିତ୍ସା କରାଇବେ ସେଇ ଚ଼ିନ୍ତା ରେ ଖାଲି ଭଗବାନ ଙ୍କୁ ଡାକି ଆଖିରୁ ଲୁହ ଗଡ଼ାଉଛନ୍ତି ଏବଂ ଅପେକ୍ଷା କରିଛନ୍ତି କେଉଁ ବଦାନ୍ୟ ବ୍ୟକ୍ତି ହେଉ କି ସରକାରୀ ସହାୟତା ଯାହା ଗୋଟେ ମିଳିବା ପାଇଁ, ତାହେଲେ ସୋନୁର ଚ଼ିକିତ୍ସା ସମ୍ଭବ ହୋଇପାରିବ, ଏଠି ଆହୁରି ଗୋଟେ ଦୃର୍ଷ୍ୟ ଦେଖିବାକୁ ମିଳୁଛି ନିଜ ଅତି ଆପଣାର ସାଙ୍ଗ ର ଏପରି ପରିସ୍ଥିତି କୁ ହଜମ କରିପାରିନାହାନ୍ତି ସୋନୁ ର ସାଙ୍ଗ ସାଥି ମାନେ ସବୁ ସାଙ୍ଗ ଏକତ୍ରିତ ହେଇ କାକଟପୁର ଅସ୍ତରଙ୍ଗ ବଜାର, ମୁଖ୍ୟ ରାସ୍ତା ରେ ଭିକ୍ଷା ଡବା ଧରି ସୋନୁ ଙ୍କ ଚ଼ିକିତ୍ସା ପାଇଁ ଲୋକ ମାନଙ୍କ ଠାରୁ କରୁଚ଼ନ୍ତି ଆର୍ଥିକ ସାହାଯ୍ୟ ଭିକ୍ଷା , ଯିଏ ଯାହା ଦେବ ସେ ସବୁକୁ ଏକତ୍ରିତ କରି ନିଜ ସାଥି ସୋନୁର ଚ଼ିକିତ୍ସା କରାଇବେ ବୋଲି କୋହ ଭରା କଣ୍ଠ ରେ କୁହନ୍ତି ସାଙ୍ଗ ସାଥି ମାନେ ଖାଲି ସାଙ୍ଗ ମାନେ ନୁହନ୍ତି ଏକ ଅସହାୟ ମା ର ଦୁଃଖ ଦେଖି , କାନ୍ଦୁଛି ଦହିଖିଆ ଗ୍ରାମ, ଶିଶୁ ସୋନୁ ଆରୋଗ୍ୟ ପାଇଁ କୁନି କୁନି ସାଥି ଙ୍କ ସହିତ ଏକାଠି ହୋଇଛନ୍ତି ଗ୍ରାମ ବାସି, କାକଟପୁର ଅଂଚ଼ଳ ର ଅନେକ ବୁଦ୍ଧିଜୀବୀ । ବାରମ୍ବାର ପୁଅର ଦେହ କରାପ ହେବାରୁ ପୁରୁଣା ପରମ୍ପରା ଅନୁଯାଇ ମାଆ ସୋନୁକୁ ଯୋଗୀ କରି ବୁଲେଇଥିଲେ ଆଶା ଥିଲା ପୁଅ ଦେହ ଭଲ ହୋଇଯିବ ବୋଲି କିନ୍ତୁ ମାତ୍ର ବାର ବର୍ଷ ବୟସ ରେ ପାଠ ପଢି ହସି ଖେଳି ସାଙ୍ଗ ସାଥି ଙ୍କ ମେଳ ରେ ଦିନ କାଟିବା କଥା କିନ୍ତୁ କିଏ ଜାଣିଛି ଠାକୁର ଏତେ ନିଷ୍ଠୁର ହୋଇଯିବେ ଏମିତି ଗୋଟେ ଦିନ ଆସିବ ସବୁ ଛାଡି ତାକୁ ଜୀବନ ସହିତ ସଂଗ୍ରାମ କରିବାକୁ ପଡିବ ଏହି କୁନି ବୟସ ରେ, ସତରେ କଣ ସୋନୁ ଙ୍କ ପାଇଁ ଭଗବାନ କିଛି ଅଲୌକିକ କରିବେ , ସତରେ କଣ ସେହି ଅଭାଗିନୀ ମା ତା ପୁଅ କୁ ଭଲ କରିପାରିବ, ସତରେ କଣ ତାର କୁନି ସାଥି ମାନଙ୍କ ନିବେଦନ ପ୍ରଭୁ ଜଗନ୍ନାଥ ଶୁଣିବେ ସମସ୍ତଙ୍କ ଆଶା ପୂରଣ କରିବେ ତାହା ହିଁ ଦେଖିବାକୁ ଅପେକ୍ଷା।

## ମାତ୍ର ୯୯୯୯ ଟଙ୍କାରେ ନୂଆ ପୋକୋ ଏମ୍୬ ପ୍ରୋ ୫ଜି ଉନ୍ମୋଚିତ

ଭୁବନେଶ୍ୱର,(ପି.ଏନ): ଅତ୍ୟାଧୁନିକ ଉପଭୋକ୍ତା ଟେକ୍ନୋଲୋଜି କ୍ଷେତ୍ରରେ ଏକ ଅଗ୍ରଗାମୀ ସଂସ୍ଥା, ପୋକୋ ଇଣ୍ଡିଆ ପକ୍ଷରୁ ଏହାର ଏମ୍ ସିରିଜ୍ ଶୃଙ୍ଖଳାରେ ଏକ ନୂତନ ଉତ୍ପାଦ ପୋକୋ ଏମ୍୬ ପ୍ରୋ ୫ଜିର ଶୁଭାରମ୍ଭ କରାଯାଇଛି। ପୋକୋ ଏମ୍୬ ପ୍ରୋ ୫ଜି, ୫ଜି ସ୍ମାର୍ଟଫୋନ୍ କ୍ଷେତ୍ରରେ ନୂତନ ମାନକ ଧାର୍ଯ୍ୟ କରିଛି, ଏହା ସ୍ନାପଡ୍ରାଗନ ୪ ଜେନ୍ ୨ ଚିପ୍‌ସେଟ୍ ଦ୍ୱାରା ପରିଚାଳିତ ଯାହା ବାଧାମୁକ୍ତ ପ୍ରଦର୍ଶନ ସୁନିଶ୍ଚିତ କରୁଛି। ପୋକୋ ଏମ୍୬ ପ୍ରୋ ୫ଜି ଏହାର ୫୦ ମେଗାପିକ୍ସେଲ୍ ପ୍ରାଇମେରୀ କ୍ୟାମେରା ସହ ଆକର୍ଷଣୀୟ ଫଟୋ କ୍ୟାପ୍‌ଚର କରୁଛି ଯାହା ୨ ମେଗାପିକ୍ସେଲ୍ ଡେପ୍‌ଥ କ୍ୟାମେରା ଦ୍ୱାରା ଉନ୍ନତ ହୋଇଥାଏ। ଏହାର ଏଫ୍/୧.୮ ଆପେର୍‌ଚର ଉତ୍ତମ ଫଟୋ ଗୁଣବତ୍ତା ପାଇଁ ଏକ ୪-ଇନ୍-୧ ପିକ୍ସେଲ ବାଇନିଙ୍ଗ୍ ପଦ୍ଧତି ନିୟୋଜିତ କରି କମ୍ ଆଲୋକ ସ୍ଥିତିରେ ଉନ୍ନତ ପ୍ରଦର୍ଶନ କରିଥାଏ। ଆଇସିଆଇସିଆଇ ବ୍ୟାଙ୍କର ୧୦୦୦ ଟଙ୍କାର ରିହାତି ଲାଗୁ ହେବା ପରେ ପୋକୋ ଏମ୍୬ ପ୍ରୋ ୫ଜିର ୪+୬୪ଜିବି ଭାରିଆଂଟ୍‌ର ମୂଲ୍ୟ ୯୯୯୯ ଟଙ୍କା ଏବଂ ୬+୧୨୮ଜିବି ଭାରିଆଂଟ୍‌ର ମୂଲ୍ୟ ୧୧,୯୯୯ ଟଙ୍କା ରହିଛି। ଏହି ସ୍ମାର୍ଟଫୋନ୍ ଫ୍ଲିପ୍‌କାର୍ଟରେ ଆସନ୍ତା ଅଗଷ୍ଟ ୯ ତାରିଖ ୨୦୨୩ରୁ ଫରେଷ୍ଟ ଗ୍ରୀନ୍ ଓ ପାୱାର ବ୍ଲାକ୍‌ରେ ଉପଲବ୍ଧ ହେବ। ଏହି ଉନ୍ମୋଚନ ସମ୍ପର୍କରେ ନିଜର ଉତ୍ସାହ ବ୍ୟକ୍ତ କରି ପୋକୋ ଇଣ୍ଡିଆର କଂଟ୍ରି ହେଡ୍ ହିମାଂଶୁ ଟଣ୍ଡନ କହିଛନ୍ତି, 'ଆମେ ଟେକ୍ନୋଲୋଜି କ୍ଷେତ୍ରର ଏକ ବାସ୍ତବ ଗେମ୍-ଚେର ପୋକୋ ଏମ୍୬ ପ୍ରୋ ୫ଜିର ଶୁଭାରମ୍ଭ କରି ଉତ୍ସାହିତ ରହିଛୁ। ଏହି ଡିଭାଇସ୍ ଟେକ୍ନୋଲୋଜିକୁ ବୈପ୍ଳବିକ କରିଛି, ସୁଗମ ୫ଜି କନେକ୍ଟିଭିଟି, ଲ୍ୟାଗ୍-ଫ୍ରି ଅନ୍‌ଲାଇନ୍ ଗେମିଂ, ବାଧାହୀନ ଭିଡିଓ ଷ୍ଟ୍ରିମିଂ ଓ ଫିଚର-ସମୃଦ୍ଧ କ୍ୟାମେରା ପ୍ରଦାନ କରୁଛି।'

# ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱାବଲମ୍ବି

## *ବାୟୋଫ୍ଲୋକ ମାଛ ଚ଼ାଷକରି ହେଉଛନ୍ତି ରୋଜଗାରକ୍ଷମ*

ଅସ୍ତରଙ୍ଗ,(ପି.ଏନ):-ସ୍ୱାବଲମ୍ବି ହେଉଛନ୍ତି ଗାଁ ମହିଳା। ବରଦାନ ସାଜିଛି ମିଶନଶକ୍ତି। ମାଛ ଚ଼ାଷପାଇଁ ବଡ଼ ପୋଖରୀ କିମ୍ବା ଏକର ଏକର ଜାଗା ଆବଶ୍ୟକତା ନାହିଁ। ଖୁବ କମ ଜାଗାରେ ପ୍ରଚୁର ପରିମାଣ ମାଛ ଉତ୍ପାଦନ କରିପାରିବେ।କଥା ଟି ଶୁଣିବାକୁ ଅଡୁଆ ଲାଗିଲେ ମଧ୍ୟ ସତ. ବାୟୋଫ୍ଲୋକ ପଦ୍ଧତିରେ ପାଣି ଟାଙ୍କିରେ ଏଭଳି ମାଛ ଚ଼ାଷ ସମ୍ଭବ ହୋଇପାରିଛି।ଏଭଳି ୩ ଟି ଟାଙ୍କିରେ ବାୟୋଫ୍ଲୋକ ଟାଙ୍କିରେ ମାଛ ଚ଼ାଷ କରି ଅନ୍ୟ ମାନଙ୍କ ଉଦାହରଣ ସୃଷ୍ଟି କରିଛନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସରିପୁର ପଂଚାୟତ କଣ୍ଟାବାଉଁଶ ଗ୍ରାମର ଲକ୍ଷ୍ମୀ ପ୍ରତିମା ଏସ. ଏଚ୍. ଜି ଗ୍ରୁପର ଦଶ ଜଣ ମହିଳା. ସିମେଣ୍ଟ କଂକ୍ରିଟ କୁଣ୍ଡ ଓ ପାଣି। ମାତ୍ର ୧୦୦ବର୍ଗ ଫୁଟ ଜାଗାରେ ନିର୍ମାଣ ହୋଇଛି ୩ ଟାଙ୍କି।



୬ ମାସରେ ଏଥିରୁ ମିଳିବ ୩ କୁଇଣ୍ଟାଲ ରୁ ଉର୍ଦ୍ଧ ମାଛ. ପ୍ରାରମ୍ଭିକ ପର୍ଯ୍ୟାୟ ରେ ମିଶନ ଶକ୍ତି ଦ୍ୱାରା କିଛି ଋଣ ଆଣି କଂକ୍ରିଟ କୁଣ୍ଡ କରି ଭିଏତ ନାମ ରତା, ମାଗୁର, ଅମର ଜାତୀୟ କାର୍ପ ଚ଼ାଷ କରୁଛନ୍ତ। ଦୈନିକ କେବଳ ପାଣିର ପି. ଏଚ୍ ଭ୍ୟାଲୁ, ଏମୋନିଆ ପ୍ରଭୃତି ମାପକ ଆବଶ୍ୟକତା ରହିଛି। ମାଛ କୁ ଦିନକୁ ଦୁଇ ବେଳା ଖାଇବାକୁ ଦେବାକୁ ପଡେ। ଏହି ପଦ୍ଧତିରେ ଏକ କିଲୋଗ୍ରାମ ମାଛ ପାଇଁ ୫୦ରୁ ୭୦ଟଙ୍କା ଖର୍ଚ୍ଚ ହେଉଛି। ଫଳରେ କମ ଖର୍ଚ୍ଚ, କମ ଜାଗାରେ ଅଧିକ ସଂଖ୍ୟକ ମାଛ ଉତ୍ପାଦନ କରାଯାଇ ପାରିବ। କିଛି ରୋଜଗାର କରିବା ଆଶାରେ ବାୟୋଫ୍ଲୋକ ମାଛ ଚ଼ାଷ ଆରମ୍ଭ କରିଥିଲେ ଲକ୍ଷ୍ମୀ ପ୍ରତିମା ଏସ. ଏଚ୍. ଜି ଗ୍ରୁପର ମହିଳା ମାନେ।ଏଥି ପାଇଁ ରାଜ୍ୟ ସରକାର ପକ୍ଷରୁ ମିଶନ ଶକ୍ତି ଜରିଆରେ ପ୍ରୋତ୍ସାହନ ମିଳିଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ପ୍ରଶଂସା କରିଛନ୍ତି। ମହିଳା ଙ୍କ ଏ ଉଦ୍ୟମ ଅନ୍ୟ ମାନଙ୍କୁ ପ୍ରେରଣା ଦେଇଛି।

# ସାମସଙ୍ଗ ସଲ୍‌ଭ ଫର୍ ଟୁମୋରୋ ୨୦୨୩ର ଶୀର୍ଷ ୧୦ଟି ଟିମର ଘୋଷଣା

ଭୁବନେଶ୍ୱର,(ପି.ଏନ): ସାମସଙ୍ଗ ପକ୍ଷରୁ ଏହାର ସାମସଙ୍ଗ ସଲ୍‌ଭ ଫର ଟୁମୋରୋ ପ୍ରତିଯୋଗୀତାର ଶୀର୍ଷ ୧୦ଟି ଟିମର ଘୋଷଣା କରାଯାଇଛି। ଏହି ଦଶଟି ଟିମ ସେମାନଙ୍କର ଆଇଡିଆ ସହିତ ବାସ୍ତବ ଦୁନିଆର ସମସ୍ୟାର ସମାଧାନ ପ୍ରସ୍ତୁତ କରିଥିଲେ ଯେଉଁଥିରେ ରହିଛି ସମୁଦ୍ର ଜଳକୁ ପାନୀୟ ଜଳରେ ପରିଣତ କରିବା, ଶସ୍ୟରେ କୀଟପତଙ୍ଗ ଓ ରୋଗକୁ ଚିହ୍ନଟ କରିବା, ଖାଦ୍ୟ ନଷ୍ଟ, ସମୁଦ୍ର କୂଳ ସଫେଇ, ଶ୍ରବଣ ବାଧିତ ଲୋକମାନଙ୍କ ପାଇଁ ଅଧିକ ସୁବିଧା ପାଇଁ ଏକ ସ୍ଥାୟୀ ଲେଦର ଟାନିଂ ପ୍ରକ୍ରିୟା ବିକାଶ କରିବା । ନିଜର ପ୍ରୋଟୋଟାଇପକୁ ଅଧିକ ଉନ୍ନତ କରିବା ପାଇଁ ଏହି ୧୦ଟି ଟିମରେ ପ୍ରତି ଟିମ୍‌କୁ ୧୦୦,୦୦୦ଟଙ୍କା ଏବଂ ସାମସଙ୍ଗ କର୍ମଚାରୀ ଓ ଆଇଆଇଟି ଦିଲ୍ଲୀର ଶିକ୍ଷ ବିଶେଷଜ୍ଞମାନଙ୍କ ଠାରୁ ମାର୍ଗଦର୍ଶନ ପ୍ରଦାନ କରାଯିବ । ସେମାନଙ୍କୁ ନୂଆ ଗ୍ୟାଲାକ୍ସି ଜେଡ ଫ୍ଲିପ ସ୍ମାର୍ଟଫୋନ ମଧ୍ୟ ପ୍ରଦାନ କରାଯିବ । ତିନିଜଣ ଜାତୀୟ ବିଜେତାଙ୍କ ଘୋଷଣା ସହିତ ବାର୍ଷିକ କାର୍ଯ୍ୟକ୍ରମ ସମାପ୍ତ ହେବ ଯେଉଁମାନେକି ୧.୫ କୋଟି ଟଙ୍କାର ପୁରସ୍କାର ରାଶି ଜିତିବାର ସୁଯୋଗ ପାଇବେ । ଏହା ସମ୍ପର୍କରେ ସାମସଙ୍ଗ ସାଉଥଓ୍ୱେଷ୍ଟ ଏସିଆର କର୍ପୋରେଟ ଭାଇସ ପ୍ରେସିଡେଂଟ ହ୍ୟୁନ କିମ କହିଛନ୍ତିଯେ, ‟ଆଇଡିଆ ମାଧ୍ୟମରେ ସେମାନେ ଆଜି ଭାରତ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ସେମାନଙ୍କର ଉତ୍ସାହ ପ୍ରଦର୍ଶନ କରିଛନ୍ତି । ଆଗକୁ ସାମସଙ୍ଗ ଏବଂ ଏହାର ସହଯୋଗୀମାନଙ୍କର ମେଂଟରମାନଙ୍କ ସହାୟତାରେ ଏହି ଶୀର୍ଷ ଦଶଟି ଟିମ କିଭଳି ଭାବେ ସେମାନଙ୍କର ସମାଧାନକୁ ଅଧିକ ସଶକ୍ତ କରୁଛନ୍ତି ତାହା ଦେଖିବା ପାଇଁ ଆମେ ଅପେକ୍ଷା କରିଛୁ ।‟ସେହିଭଳି ଆଇଆଇଟି ଦିଲ୍ଲୀ ନିର୍ଦ୍ଦେଶକ ପ୍ରଫେସର ରଙ୍ଗନ ବାନର୍ଜୀ କହିଛନ୍ତି ଯେ, ‟ସମାଜରେ ସମସ୍ୟାଗୁଡ଼ିକର ସମାଧାନ କରିବାରେ ଯୁବ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ଲାଗି ସାମସଙ୍ଗ ସହିତ ସହଭାଗୀତା କରି ଆଇଆଇଟି ଦିଲ୍ଲୀ ଉତ୍ସାହିତ । ଆମେ ଏହି ଟିମଗୁଡ଼ିକୁ ସେମାନଙ୍କ ପ୍ରୋଟୋଟାଇପଗୁଡ଼ିକ ଉପରେ କାର୍ଯ୍ୟ କରିବାରେ ସାହାଯ୍ୟ କରିବୁ ।‟ ସେହିଭଳି ମେଇଟି ଷ୍ଟାର୍ଟଅପ ହବ ସିଇଓ ଜିତ ବିଜୟ କହିଛନ୍ତିଯେ, ‟ଏହି ଶୀର୍ଷ ୧୦ଟି ଟିମ ବାସ୍ତବରେ ଆମକୁ ଅନୁପ୍ରାଣିତ କରିଛନ୍ତି । ସାମସଙ୍ଗ ସଲଭ ଫର ଟୁମୋରୋ କାର୍ଯ୍ୟକ୍ରମ ସହିତ ଆମେ ଏହି ଯୁବାମାନଙ୍କୁ ନୂଆ ଉଚ୍ଚତାରେ ପହଂଚିବାରେ ଏବଂ ସେମାନଙ୍କ ଯୋଜନାକୁ କାର୍ଯ୍ୟରେ ପରିଣତ କରି ଦେଶ ରୂପାନ୍ତରଣରେ ସାହାଯ୍ୟ କରିବାକୁ ଚାହୁଁଛୁ ।


**2023-2024**



**ADMISSION OPEN**

**Maharishi Public School, Baripada**

**STD-NURSERY TO VIII**

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Saturday August 12, 2023 ଭୁବନେଶ୍ୱର ଶନିବାର, ଅଗଷ୍ଟ ୧୨,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ପୂର୍ବତନ ବିଜେଡି ସଭାପତିଙ୍କୁ ଭେଟିଲେ ପ୍ରଦୀପ ମାଝି



ମାଲକାନଗିରି,(ପି.ଏନ): ଓଡ଼ିଶା ସ୍ୱତନ୍ତ୍ର ବିକାଶ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି ତିନି ଦିନ ପାଇଁ ମାଲକାନଗିରି ଗସ୍ତରେ ଆସିଥିବା ବେଳେ ପୂର୍ବତନ ବିଜେଡି ସଭାପତି ମେହେଙ୍ଗା ସିଂଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅତି ସଙ୍କଟାପନ୍ନ ଥିବାରୁ ଦୁର୍ଗାଗୁଡି ସାହିସ୍ଥିତ ତାଙ୍କ ବାସଭବନକୁ ଯାଇ ଦର୍ଶନ କରିଥିଲେ। ବର୍ତ୍ତମାନ ମେହେଙ୍ଗା ସିଂଙ୍କ ବୟସ ୭୬ ବର୍ଷାରେ ପଦାର୍ପଣ କରିବା ହେତୁ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ରହିଥିବା ଜଣାପଡିଛି। ଶ୍ରୀ ମେହେଙ୍ଗା ସିଂଙ୍କ ଜନ୍ମ ୩ ମାର୍ଚ୍ଚ ୧୯୪୭ ମସିହାରେ । ୧୯୬୫ ମସିହାରେ ମାଲକାନଗିରି ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ଆସି ଗୋଟିଯୋଡି ଗ୍ରାମରେ ବସତି ସ୍ଥାପନ କରିଥିଲେ। ବ୍ୟବସାୟ ଏବଂ କୃଷି ଥିଲା ତାଙ୍କର ମୁଖ୍ୟ ଜୀବିକା ।୧୯୭୭ ମସିହାରେ ସର୍ବ ପ୍ରଥମେ ଜନତା ଦଳରେ ଯୋଗଦାନ କରି ମାଲକାନଗିରି ନିର୍ବାଚନ ମଣ୍ଡଳୀର ସଭାପତି ମଣ୍ଡନ କଲା ପରେ କଠିନ ପରିଶ୍ରମ କରି ଜନତା ଦଳର ସଙ୍ଗଠନକୁ ସୁଦୃଢ଼ କଲେ। ଫଳରେ ୧୯୭୭ ମସିହାରେ ହୋଇଥିବା ନିର୍ବାଚନ ରେ ଜନତା ଦଳରୁ ବିଧାୟକ ଭାବେ ନାକା କାହ୍ନାୟା ବିଜୟ ଲାଭ କରିଥିଲେ। ମେହେଙ୍ଗା ସିଂଙ୍କ ବରିଷ୍ଠ ନେତୃତ୍ୱ ଓ ଦକ୍ଷ ରାଜନୈତିକ ସଂଗଠକ ହେତୁ ଜନତା ଦଳ ବାରମ୍ବାର ବିଜୟ ଲାଭ କରି ଆସିଥିଲେ ମାଲକାନଗିରି ନିର୍ବାଚନ ମଣ୍ଡଳୀରେ। ଶ୍ରୀ ସିଂ ଥିଲେ ପ୍ରବାଦ ପୁରୁଷ ବିଜୁବାବୁଙ୍କର ଅତି ଆପଣାର ମଣିଷ ।ସେ ତାଙ୍କୁ ଅତ୍ୟନ୍ତ ଭଲ ପାଉଥିଲେ। ମାଲକାନଗିରି ଅଞ୍ଚଳର ଯାହା ବିକାଶର କଥା ବିଜୁବାବୁଙ୍କ ନିକଟରେ ଉପସ୍ଥାପନ କରୁଥିଲେ, ସିଧାସଳଖ ତାଙ୍କ କଥାକୁ ଗୁରୁତ୍ୱ ଦେଉଥିଲେ। ୧୯୯୦ ମସିହାରୁ ୧୯୯୭ ଜନତା ଦଳ ଏବଂ ୧୯୯୭ ମସିହାରୁ ୨୦୦୭ ମସିହା ପର୍ଯ୍ୟନ୍ତ ବିଜୁ ଜନତା ଦଳର ସଭାପତି ଥିଲେ ।ସେ ଯୁବ ଅବସ୍ଥାରୁ ବାର୍ଦ୍ଧକ୍ୟ ଅବସ୍ଥା ପର୍ଯ୍ୟନ୍ତ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ଥିଲେ। ସ୍ୱାର୍ଥ ପାଇଁ ନେତା ଆଉ କର୍ମୀ ଦଳ ବଦଳ କରାଯାଉଥିବା ଦେଖା ଦେଇଥିଲା ବେଳେ ମେହେଙ୍ଗା ସିଂ ଦଳ ବଦଳ କରିନଥିଲେ ।ସେ ଜଣେ ବିଜୁବାବୁଙ୍କ ସଚ୍ଚା କର୍ମୀ ଥିଲେ। ବିଜୁବାବୁଙ୍କ ଦେହାନ୍ତ ପରେ ମଧ୍ୟ ବିଜେଡି ରେ ସଭାପତି ରହି ଦାୟିତ୍ୱ ନିର୍ବାହ କରିଥିଲେ। ମାଲକାନଗିରିରେ ଜନତା ଦଳ ହେଉ କି ବିଜୁ ଜନତା ଦଳ ହେଉ ମେହେଙ୍ଗା ସିଂଙ୍କୁ ବୁଝାଉଥିଲା । ସେ ଆଜି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଏବଂ ଗୁରୁତର ଅସୁସ୍ଥ। ଏହି ପରି ଏକ ମୁମୂର୍ଷୁ ଅବସ୍ଥା ଶଯ୍ୟାଶାୟୀ ବିଜେଡିର ଭୀଷ୍ମ ପିତାମହ ମେହେଙ୍ଗା ସିଂଙ୍କୁ ଦର୍ଶନ କରିଥିଲେ ରାଜ୍ୟ ସ୍ୱତନ୍ତ୍ର ବିକାଶ ପରିଷଦ ଉପଦେଷ୍ଟା ତଥା ପୂର୍ବତନ ସାଂସଦ ପ୍ରଦୀପ ମାଝୀ। ଶଯ୍ୟା ନିକଟରେ ଥିଲେ ତାଙ୍କ ସହଧର୍ମିଣୀ ତଥା ମାଲକାନଗିରି ପୂର୍ବତନ ନଗରପାଳ ଶ୍ରୀମତୀ ରାଜବନ୍ତ କୌର,ପୁଅ ପ୍ରୀତପାଲ ସିଂ, ମାଲକାନଗିରି ଜିଲ୍ଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, ବିଜେଡି ସହ ପର୍ଯ୍ୟବେକ୍ଷକ ସାମୁଏଲ ଭାଇ, ବିଜେଡି କର୍ମୀ ଗୋପାଳ ପଣ୍ଡା,ରବି ରାଜେଶ ,ହିମାଂଶୁ ସାମଲ,ମୋହନ ଛାତ୍ରୀ, ନୀଳକଣ୍ଠ ଝୋଲା, ମଙ୍ଗଳା ପାଙ୍ଗୀ ପ୍ରମୁଖ ବିଜେଡ଼ି କର୍ମୀମାନେ।

## ମଲ୍ଲିକାର୍ଜୁନ ଖାଡ଼ଗେ ଓ ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ କଲେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ

ଭୁବନେଶ୍ୱର ,(ପି.ଏନ); ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ଆଜି ସଂଧ୍ୟାରେ କଂଗ୍ରେସ ସଭାପତି ଶ୍ରୀ ମଲ୍ଲିକାର୍ଜୁନ ଖାଡ଼ଗେଙ୍କୁ ତାଙ୍କର ଦିଲ୍ଲୀ ସ୍ଥିତି ସରକାରୀ ବାସଭବରେ ସାକ୍ଷାତ କରିଥିଲେ। ଖାଡ଼ଗେ ବାସଭବନରେ ଉପସ୍ଥିତ ଥିବା ପୂର୍ବତନ କଂଗ୍ରେସ ଅଧକ୍ଷ ଶ୍ରୀ ରାହୁଲ ଗାନ୍ଧୀଙ୍କୁ ମଧ୍ୟ ଶ୍ରୀ ରାଉତରାୟ ସାକ୍ଷାତ କଲେ। ଦଳର ରାଷ୍ଟ୍ରୀୟ ସଭାପତି ଏବଂ ପୂର୍ବତନ ରାଷ୍ଟ୍ରୀୟ ସଭାପତିଙ୍କ ସହ ଓଡ଼ିଶାର ବିଭିନ୍ନ ସମସ୍ୟା ଓ ସଂଗଠନ ସମ୍ପର୍କରେ ଶ୍ରୀ ରାଉତରାୟ ଆଲୋଚନା କରିଥିଲେ। ଆସନ୍ତା ଅକ୍ଟୋବର ୨୭ ତାରିଖରେ ଖୋର୍ଦ୍ଧାରେ କିମ୍ବା ଭୁବନେଶ୍ୱରରେ ବିଶାଳ ଜନସମାବେଶରେ ଉଦ୍‌ବୋଧନ ଦେବାପାଇଁ ଶ୍ରୀ ରାଉତରାୟ କଂଗ୍ରେସ ସଭାପତି ଶ୍ରୀ ମଲ୍ଲିକାର୍ଜୁନ ଖାଡ଼ଗେ ଏବଂ ପୂର୍ବତନ ସଭାପତି ଶ୍ରୀ ରାହୁଲ ଗାନ୍ଧୀଙ୍କୁ ଅନୁରୋଧ କରିଥିଲେ। ଓଡ଼ିଶାର ସାଧାରଣ ଜନତାଙ୍କର ସମସ୍ୟା, ସରକାରୀ ଦୁର୍ନୀତି ଓ ଅପାରଗତା, ଭ୍ରଷ୍ଟାଚାର, ନାରୀ ନିର୍ଯ୍ୟାତନା, ସରକାରୀ କଳର ଅପବ୍ୟବହାର, ଚାଷୀ ସମସ୍ୟା, ବେକାରୀ ସମସ୍ୟା, ଦରଦାମ ବୃଦ୍ଧି ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରସଙ୍ଗରେ ଏହି ଜନସମାବେଶ କରାଯିବ ବୋଲି ଶ୍ରୀ ରାଉତରାୟ ଜଣାଇଥିଲେ।

# କ୍ରାନ୍ତି ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର :୭୬ ୟୁନିଟ ରକ୍ତ ସଂଗ୍ରହ



ଦର୍ପଣ ,(ପିଏନ): ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ସଂଗଠନ ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ରୋଟାରୀ କ୍ଲବ କଟକ, ତେରାପନ୍ଥ ଯୁବ ପରିଷଦ କଟକ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ସୁଙ୍ଗୁଡା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୭୬ ଜଣ ରକ୍ତଦାତା ରକ୍ତଦାନ କରିଥିଲେ । ଉକ୍ତ ଶିବିରକୁ ପ୍ରାକ୍ତନ ଶିକ୍ଷା ନିରିକ୍ଷକ ରାମଚନ୍ଦ୍ର ଶୁକ୍ଳ ଉଦଘାଟନ କରିଥିଲା ବେଳେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାହ୍ନୁଚରଣ ସାହୁ, ସମ୍ମାନୀତ ଅତିଥି ଭାବେ ଅଧାପକ ଡ. ଦିଲ୍ଲୀପ କୁମାର ନାୟକ, ପ୍ରଧାନ ଶିକ୍ଷକ ପ୍ରତାପ କୁମାର ନାୟକ, ଉଦୀୟମାନ ମହିଳା ସଙ୍ଗଠନର ସଭାନେତ୍ରୀ ଦେବଯାନୀ ପ୍ରଧାନ, ସମ୍ପାଦିକା ଅରୁଣୀ ନନ୍ଦ, ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ବ୍ରହ୍ମ, ରୋଟାରୀ କ୍ଲବ କଟକର ସମ୍ପାଦକ ରୋଟାରିଆନ ଅକ୍ଷୟ କୁମାର ସାହୁ, ଯୁବ ସାମାଜିକ କର୍ମୀ ରୋଟାରିଆନ ବିଶ୍ୱ ରଂଜନ ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । କଟକ କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତ ଭଣ୍ଡାର ତରଫରୁ ଡା. କନକଲତା ଦେଇ, ରଂଜିତ ସାହୁ, ମୃତ୍ୟୁଞ୍ଜୟ ବେଜ୍, ଆକାଶ ସାହୁ, ଲକ୍ଷ୍ମୀଧର ପୃଷ୍ଟି, ଅବିନାଶ ଦାଶ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ରକ୍ତଦାତା ଭାବରେ ଅମ୍ବିକା ପ୍ରସାଦ ମିଶ୍ର, ଗାୟତ୍ରୀ ରାଉତ, ମାନସୀ ଦାସ, ରଶ୍ମିତା ଓଝା, ଇତିଶ୍ରୀ ପରିଡା, ବନ୍ଦନା ନାୟକ, ପ୍ରିୟଦର୍ଶନୀ ନାୟକ, ପ୍ରତାପ ଚନ୍ଦ୍ର ଦାଶ, ସୁଜିତ କୁମାର ସିଂ, ସୁଧିର କୁମାର ସିଂ, ସାଗର ରଂଜନ ନାୟକ, ଅଜିତ କିଶୋର ନାୟକ, ବିକାଶ ଚନ୍ଦ୍ର ଶତପଥୀ, ଅନିଲ ପାତ୍ର, ସନ୍ତୋଷ କୁମାର ସାହୁ, କମଳାକାନ୍ତ ସ୍ୱାଇଁ, ବିପିନ ବିଶ୍ୱାଳ, ବେଣୁଧର ପ୍ରଧାନ, ମୋନାଲିସା ପ୍ରଧାନ, ଲୋପାମୁଦ୍ରା ମାହାଲା, କ୍ରିଷ୍ଣାରାଣୀ ଜେନା, ସ୍ମୃତିପ୍ରଭା ବ୍ରହ୍ମ, ସୁମିତ୍ରା ସାହାଣୀ, ସୋନାଲୀ ନାୟକ, ପିଙ୍କିନା ପ୍ରଧାନ, କ୍ରୀଷ୍ଣା ଭୂୟାଁ, ବସନ୍ତ କୁମାର ସାହୁ, ଶିବ ନାୟକ, ମଦନ ମୋହନ ପରମାଣିକ ସମେତ ବହୁ ସ୍ୱେଚ୍ଛାସେବୀ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ଏହି ଶିବିରକୁ ଉଦୀୟମାନର ସମ୍ପାଦକ ଅନିଲ କୁମାର ଦାଶ ପରିଚାଳନା କରିଥିଲେ।

## ପାରାଦୀପ ରୋଟାରୀ କ୍ଲବ ପକ୍ଷରୁ ଆହାର କେନ୍ଦ୍ରରେ ପାନୀୟ ଜଳ ଯନ୍ତ୍ର ସ୍ଥାପିତ

ପାରାଦୀପ,(ପି.ଏନ): ପାରାଦୀପର ବଡପଡିଆ ସ୍ଥିତ ଆହାର କେନ୍ଦ୍ରରେ ରୋଟାରୀ କ୍ଲବ ପକ୍ଷରୁ ଗୁରୁବାର ଦିନ ଏକ ପାନୀୟ ଜଳ ବିଶୋଧକ ଯନ୍ତ୍ର (ୱାଟର ପ୍ୟୁରିଫାୟାର) ଆକ୍ୟୁଆଗାର୍ଡ ସ୍ଥାପନ କରାଯାଇଛି । ଯାହାକି ରୋଟାରୀ ଜିଲ୍ଲା - ୩୨୬୨ ଦ୍ୱାରା ରୋଟାରୀ ବର୍ଷ ୨୦୨୨-୨୩ ପାଇଁ ପ୍ରାୟୋଜିତ ହୋଇଥିଲା । ଏହି ଅବସରରେ ପାରାଦୀପର ପୂର୍ବତନ ରୋଟାରୀ କ୍ଲବ ସଭାପତି ଦୀପକ କୁମାର ଷଡଙ୍ଗୀ ଓ ସମ୍ପାଦକ ଗଣେଶ୍ୱର ପାତ୍ରଙ୍କ ଉପସ୍ଥିତିରେ ପାରାଦୀପ ପୌରାଧକ୍ଷ ବସ' କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଜଳ ବିଶୋଧକ ଯନ୍ତ୍ରର ଉଦଘାଟନ କରିଥିଲେ । ଆହାର କେନ୍ଦ୍ରରେ ମଧ୍ୟାହ୍ନ ଭୋଜନ ଉପରେ ନିର୍ଭର କରୁଥିବା ଜନସାଧାରଣଙ୍କ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ରୋଟାରୀ କ୍ଲବ ଦ୍ୱାରା ସ୍ଥାପିତ ଏହି ଆକ୍ୟୁଆଗାର୍ଡ ଅତ୍ୟ' ଉପଯୋଗି ହେବ ବୋଲି ପୌରାଧକ୍ଷ ଶ୍ରୀ ବିଶ୍ୱାଳ କହିବା ସହ ଏହି ଉଦ୍ୟମ ଓ ଚି'ାଧାରାକୁ ପ୍ରଶଂସା କରିଥିଲେ । ଏହି ଉଦଘାଟନୀ ସମୟରେ ପାରାଦୀପ ରୋଟାରୀ କ୍ଲବର ସଭାପତି ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ରଙ୍କ ସମେତ କ୍ଲବର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ପରିତ୍ୟକ୍ତ ଅବସ୍ଥାରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ : କାର୍ଯ୍ୟକ୍ଷମ କରିବାକୁ ତହସିଲଦାର ଙ୍କ ପ୍ରତିଶ୍ରୁତି



ନବରଙ୍ଗପୁର,(ପି.ଏନ): ନୂତନ ଭାବେ ନିର୍ମାଣ ହୋଇଛି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ,କିନ୍ତୁ ଅଧିକାରୀ ଙ୍କ ଦେଖା ନାହିଁ କି କୌଣସି ପ୍ରକାର କାର୍ଯ୍ୟ ବି ନାହିଁ ।ଲକ୍ଷାଧିକ ଟଙ୍କାରେ ନିର୍ମାଣ ହୋଇଛି କାର୍ଯ୍ୟାଳୟ ,କାର୍ଯ୍ୟରେ ଆସୁ ନ ଥିବା ଫଳରେ ନୂତନ ଭାବେ ନିର୍ମିତ ଗୃହ ପରିତ୍ୟକ୍ତ ଅବସ୍ଥାରେ ।ଏପରି ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ନୂଆକୋଟ ପଂଚାୟତର ସିନ୍ଧିଗୁଡା ଗ୍ରାମରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ।ଏଠାରେ ନିର୍ମିତ ହୋଇଛି ରାଜସ୍ୱ ନିରୀକ୍ଷକ ପାଇଁ କାର୍ଯ୍ୟ କରିବା ନିମନ୍ତେ କାର୍ଯ୍ୟାଳୟ । କିନ୍ତୁ ଏଠାରେ କାର୍ଯ୍ୟ ନ ହୋଇ ପାପଡାହାଣ୍ଡି ଠାରେ ରାଜସ୍ୱ କାର୍ଯ୍ୟ ଚାଲିଛି । ଏ ଅଞ୍ଚଳର ଅନେକ ଜମିଜମା କାର୍ଯ୍ୟ ହେଉ ,ଛାତ୍ରଛାତ୍ରୀ ମାନଙ୍କ ପ୍ରମାଣ ପତ୍ର ,ଓ ବିଭିନ୍ନ କାର୍ଯ୍ୟ ନିମନ୍ତେ ନୂଆକୋଟ ଅଞ୍ଚଳରୁ ଦୀର୍ଘ ୨୦ ରୁ ୩୦ କିମି ପାପଡାହାଣ୍ଡି ଯିବାକୁ ପଡୁଛି । ଏ ଅଞ୍ଚଳ ବାସୀ ରାଜସ୍ୱ କାର୍ଯ୍ୟ ପାଇଁ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହୋଉଥିବା ଅଞ୍ଚଳ ବାସୀ ଅଭିଯୋଗ କରିଛନ୍ତି ।ସୂଚନା ପ୍ରକାରେ ପ୍ରଥମେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଚେରଚେଟା ଠାରେ ଥିଲା ।ଏ ଅଞ୍ଚଳ ର ଲୋକ ନିଜ କାର୍ଯ୍ୟ ନିମନ୍ତେ ଚେରଚେଟା କୁ ଯାଉଥିଲେ । ପରବର୍ତ୍ତୀ ସମୟରେ ଚେରଚେଟା କୁ ବିଭକ୍ତ କରି ନୂଆକୋଟକୁ ଆଉ ଏକ କାର୍ଯ୍ୟାଳୟ ଭାବେ ଚୟନ କରାଗଲା । ଆଉ ନୂଆକୋଟ ସିନ୍ଧିଗୁଡା ଠାରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିର୍ମାଣ କରାଗଲା । କିନ୍ତୁ ଗୃହ ନିର୍ମାଣ ହେଲା ପରେ ମଧ୍ୟ ଅଧିକାରୀଙ୍କ ଏଠାରେ ଦେଖା ନାହିଁ ।ଏଅଞ୍ଚଳର ଲୋକେ ରାଜସ୍ୱ କାର୍ଯ୍ୟ ଏଠାରେ ଭାବି ଖୁସି ହୋଇଥିଲେ କିନ୍ତୁ ଆଜିବି ପାପଡାହାଣ୍ଡି ଯିବାକୁ ପଡୁଛି ବୋଲି କହିଛନ୍ତି ଅଞ୍ଚଳ ବାସୀ ।ଜଣେ ରାଜସ୍ୱ ନିରୀକ୍ଷକ ଚେରଚେଟା ଓ ନୂଆକୋଟ ନିମନ୍ତେ କାର୍ଯ୍ୟ କରୁଛନ୍ତି ତା ପୁଣି ପାପଡାହାଣ୍ଡି ଠାରେ । ସରକାର ନୂଆକୋଟ ଠାରେ ରାଜସ୍ୱ ଗୃହ ନିର୍ମାଣ ତ କଲେ କିନ୍ତୁ ଦୁଃଖର ବିଷୟ ଯେ ଏଠାରେ କୌଣସି ଅଧିକାରୀ ନ ରହିବା ଯୋଗୁଁ ନୂତନ ଭାବେ ନିର୍ମିତ ଗୃହ ପରିତ୍ୟକ୍ତ ହୋଇ ରହିଛି ଓ ଅଞ୍ଚଳବାସୀ ରାଜସ୍ୱ କାର୍ଯ୍ୟ ପାଇଁ ଦୀର୍ଘ ୨୦ରୁ ୩୦ କିମି ଯିବାକୁ ପଡୁଛି । ରାଜସ୍ୱ ଗୃହ ତ ପ୍ରଶାସନ ଦେଲେ ଏଠାରେ ନିରୀକ୍ଷକ ଅଧିକାରୀ ଜଣକୁ ଦାୟିତ୍ୱ ଦିଆଯାଉ ବୋଲି ଅଞ୍ଚଳବାସୀ ପ୍ରଶାସନଙ୍କୁ ଦାବି କରିଛନ୍ତି । ଏନେଇ ପାପଡାହାଣ୍ଡି ତହସିଲଦାର ଯୋଗେଶ୍ୱର ଭୋଇଙ୍କୁ ଯୋଗାଯୋଗ କରିବାରୁ କହିଲେ ,ବର୍ତ୍ତମାନ ଆମ ପାଖରେ ଷ୍ଟାଫ ନାହାଁନ୍ତି , ଶୀଘ୍ର ସେଠାରେ ଜଣେ ଆର ଆଇ କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଖବର ପ୍ରସାରଣ ପରେ ପ୍ରଶାସନ କେବେ ଏହାର ସମାଧାନ କରୁଛି ।

# ସେଫ୍ ମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ଓ.ଏମ.ଏମ ଏବଂ ଆଇ ଏଚ୍ ଏମ୍ ର ମିଳିତ ପଦକ୍ଷେପ

ଭୁବନେଶ୍ୱର,(ପି.ଏନ): ଓଡ଼ିଶା ମିଲେଟ ମିଶନ (ଓ.ଏମ.ଏମ) ଇନ୍‌ଷ୍ଟିଚ୍ୟୁଟ ଅଫ୍ ହୋଟେଲ ମ୍ୟାନେଜମେଂଟ (ଆଇ ଏଚ୍ ଏମ୍) ସହଭାଗିତାରେ ନିକଟରେ ଓଡିଶାର ବିଭିନ୍ନ ହୋଟେଲରୁ ସେଫ୍ ମାନଙ୍କ ପାଇଁ ଦୁଇ ଦିନିଆ ମିଲେଟ୍ ରେସିପି ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଛି । ଏହା ୭ରୁ ୮ ଅଗଷ୍ଟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି । ଏଥିରେ ୨୦ ଟି ହୋଟେଲରୁ ୩୫ ଜଣ ସେଫ୍ ଓ ମୃଦୁପାନୀୟ ନିର୍ବାହି ଅଧିକାରୀ ଅଂଶଗ୍ରହଣ କରିଥିଲେ । ଅଂଶଗ୍ରହଣକାରୀଙ୍କ ମଧ୍ୟରେ ନାମୀଦାମୀ ହୋଟେଲ ଯଥା ତାଜ୍, ଭିଭାନ୍ତା, ୱେଲକମ୍ , ଏମ୍ପାୟର୍ସ, ସ୍ୱସ୍ତି, ମେ ଫେୟାର, ଦି ନିଉ ମାରିଅନ୍, ହୋଟେଲ ବାଜୋର୍ଜିସ୍, ଏବଂ ପଲ୍ ହାଇଟ୍ସ ର ସେଫ୍ ମାନେ ଯୋଗ ଦେଇଥିଲେ । .ଉଦ୍‌ଘାଟନୀ ଅଧିବେଶନରେ ହୋଟେଲ ମ୍ୟାନେଜମେଂଟ ଇନ୍‌ଷ୍ଟିଚ୍ୟୁଟର ପ୍ରିନ୍ସପାଲ ଶ୍ରୀମତୀ ଶାରଦା ଘୋଷଙ୍କ ସ୍ୱାଗତରୁ ଆରମ୍ଭ ହୋଇଥିଲା । ଆଇଏଚ୍‌ଏମ୍ , ଭୁବନେଶ୍ୱର ଓ ଓଏମଏମ ର ମିଳିତ ପ୍ରୟାସରେ ମିଲେଟ୍ସ ଆଧାରିତ ରେସିପି ତିଆରି ତାଲିମ କାର୍ଯ୍ୟକ୍ରମ ବିଷୟରେ ଅଲୋକପାତ କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର ମିଲେଟସ୍‌କୁ ପ୍ରୋତ୍ସାହନ ଦେଉଥିବାରୁ ଏହାର ଭୂୟସୀ ପ୍ରଶଂସା କରିଥିଲେ ଶ୍ରୀମତୀ ଘୋଷ ।ଆଇଏଚ୍‌ଏମ୍ , ଭୁବନେଶ୍ୱର ର ସେଫ୍ ଗୌରବ କୁମାର ମିଲେଟ ରେସିପି କାର୍ଯ୍ୟକ୍ରମର ମାଷ୍ଟର ଟ୍ରେନର୍ ଭାବରେ କାର୍ଯ୍ୟ କରିଥିଲେ । ହୋଟେଲ ମେନୁରେ ମିଲେଟ୍ସର ଅନ୍ତର୍ଭୁକ୍ତି ଏପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ କୁମାର ସେଫ୍‌ଯ ମାନଙ୍କୁ ଅନୁସନ୍ଧାନ ଏବଂ ବିକାଶ ମାନସିକତା ନେଇ ପ୍ରଶିକ୍ଷଣରେ ଯୋଗ ଦେବାପାଇଁ ଉତ୍ସାହିତ କରିଥିଲେ ଏବଂ ଏହାକୁ ନିଜର ସ୍ୱତନ୍ତ୍ରତା ହିସାବରେ ପରିଚୟ ଦେବାପାଇଁ ପ୍ରବର୍ତ୍ତାଇଥିଲେ। ସେ ମିଲେଟ୍ସର ସ୍ୱାସ୍ଥ୍ୟ ଉପକାରିତା ବିଷୟରେ ବର୍ଣ୍ଣନା କରିଥିଲେ ଏବଂ ବର୍ତ୍ତମାନ ସମୟରେ ଏହା ସ୍ୱାସ୍ଥ୍ୟ ଧାରା ବୋଲି କହିବା ସହ ଏହାକୁ ଆତିଥେୟତା ପର୍ଯ୍ୟାୟକୁ ନେବାପାଇଁ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଏହାକୁ ବିଭିନ୍ନ ପ୍ରକାର କାଦ୍ୟ ପ୍ରସ୍ତୁତିରେ ବ୍ୟବହାର କରାଯିବା ସହ ଆକର୍ଷଣୀୟ ମଧ୍ୟ କରାଯାଇପାରିବ। ଏହି ଅବସରରେ ମିଲେଟ ମିଶନର ଅଧିକାରୀ ମିଶନର ଯାତ୍ରା ବିଷୟରେ ସଂକ୍ଷିପ୍ତ ଉପସ୍ଥାପନ ସହ ଏହା କିପରି ଭାବରେ ହୋଟେଲ ଓ ରେଷ୍ଟୁରାଣ୍ଟ ମାନଙ୍କରେ ସକ୍ରିୟ ଭାବରେ ସହଯୋଗ କରିପାରିବ ସେ ବିଷୟରେ ବର୍ଣ୍ଣନା କରିଥିଲେ। ଅଧିକାରୀ ଜଣକ ଆହୁରି ଜଣାଇଥିଲେ ଯେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡିକ ଚଳିତ ବର୍ଷ ନଭେମ୍ବରରେ ଧାର୍ଯ୍ୟ ହୋଇଥିବା ଅନ୍ତର୍ଜାତୀୟ ମିଲେଟ ସମ୍ମିଳନୀ ପର୍ଯ୍ୟନ୍ତ ଜାରିରହିବ। ସେ କହିଛନ୍ତି ଅନ୍ତର୍ଜାତୀୟ ମିଲେଟ ବର୍ଷ ପାଳନ ପରିପ୍ରେକ୍ଷୀରେ ଓଡ଼ିଶାର ହୋଟେଲ ଗୁଡିକରେ ମେନୁ ମଧ୍ୟରେ ଏହାକୁ ସ୍ଥାନ ଦେବା, ବିଭିନ୍ନ ଫୁଡ ଫେଷ୍ଟିଭାଲରେ ମିଲେଟକୁ ପ୍ରୋତ୍ସାହନ ଦେବା ଏବଂ ଏହା ବିଷୟରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି କାର୍ଯ୍ୟକୁ ପ୍ରାଧାନ୍ୟ ଦିଆଯିବ। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଏସୋସିଏସନ୍ ଅଫ୍ ଓଡ଼ିଶା ମଧ୍ୟରେ ଅନୁଷ୍ଠିତ ବୈଠକରେ ଏହି ପଦକ୍ଷେପ ବିଷୟରେ ଆଲୋଚନା କରାଯାଇଥିଲା। ଏହି ପ୍ରଶିକ୍ଷଣ ସମୟରେ ସେଫ୍ ମାନେ ବିଭିନ୍ନ ପ୍ରକାର ମିଲେଟ୍ସ, କଞ୍ଚାମଲ ପ୍ରାପ୍ତି, ରୋଷେଇ ଘରର ସ୍ୱଚ୍ଛତା ଓ ନରିପତ୍ତା ବିଷୟରେ ବିଶଦ ଜ୍ଞାନ ସହ ଜଳଖିଆ ଏବଂ ବେକେରୀ ସାମଗ୍ରୀ ଉପରଏ ଧ୍ୟାନ ଦେଇ ବିଭିନ୍ନ ମିଲେଟ୍ସ ଆଧାରିତ ରେସିପି ବିଷୟରେ ସବିଶେଷ ତଥ୍ୟ ଓ ଜ୍ଞାନ ।ାହରଣ କରିଥିଲେ। ଏହା ବ୍ୟତୀତ କାର୍ଯ୍ୟକ୍ରମର ସଫଳତା ପାଇଁ ସାମଗ୍ରୀକ ଆଲୋଚନା ମଧ୍ୟ କରାଯାଇଥିଲା। ଅଂଶ ଗ୍ରହଣକାରୀଙ୍କୁ ତାଲିମ ଶେଷରେ ମିଲେଟ୍ସ ବିଷୟରେ ଜ୍ଞାନ ବୃଦ୍ଧିପାଇଁ ପୁସ୍ତିକା, ପ୍ରଚାରପତ୍ର ବ୍ଣ୍ଟନ କରାଯାଇଥିଲା। ସେଫ୍ ମାନଙ୍କର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଭବିଷ୍ୟତର ତାଲିମ କାର୍ଯ୍ୟକ୍ରମରେ ଯୋଗଦାନ ଦେବା ସହ ନିଜ ନିଜ ହୋଟେଲରେ ଏହାର ଭରପୂର ବ୍ୟବହାର ପ୍ରତି ସେମାନଙ୍କର ଆଗ୍ରହ ବେଶ ଉତ୍ସାହ ପ୍ରଦାନକାରୀ ଥିଲା।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray